୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27 . No.21 Bhubaneswar Wednesday Feburary 26 2025 | ୨୭ତମ ବର୍ଷ ସଂଖ୍ୟା-୨୧ ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୬, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ମିଡିଆ ମହାକୁମ୍ଭ ୨୦୨୫ : ପତ୍ରକାରିତାର ଏକତା










ଭୁବନେଶ୍ୱର,୨୫।୨(ପି.ଏନ): ରାଷ୍ଟ୍ରୀୟ ପତ୍ରକାର ମହାସଂଘ ଦ୍ୱାରା ଆୟୋଜିତ ସର୍ବ ଭାରତୀୟ ଗଣମାଧ୍ୟମ ମହାକୁମ୍ଭ ବିଶ୍ୱନାଥ ପ୍ରସାଦ ମହାବିଦ୍ୟାଳୟ, ମୁରତଗଞ୍ଜ, କୌଶାମ୍ବି ରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଦେଶର ବିଭିନ୍ନ ଗଣମାଧ୍ୟମ ସଂସ୍ଥାର ସଂପାଦକ, ମୁଖ୍ୟ ସଂପାଦକ ଏବଂ ପତ୍ରକାରମାନେ ଏକତ୍ରିତ ହୋଇଥିଲେ।ଉତ୍ସବର ମୁଖ୍ୟ ଅତିଥି ଏବଂ ପୂର୍ବତନ ବିଜେପି ସାଂସଦ ଏବଂ ମନ୍ତ୍ରୀ ପ୍ରଫେସର ଡ଼. ରୀତା ବାହୁଗୁଣା ଜୋଶୀଙ୍କୁ ରାଷ୍ଟ୍ରୀୟ ପତ୍ରକାର ମହାସଂଘର ଜାତୀୟ ଅଧ୍ୟକ୍ଷ ଡ଼. ପବିତ୍ର ମୋହନ ସାମନ୍ତରାୟ ଏକ ଉତ୍ତରୀୟ ଏବଂ ସ୍ମୃତି ଫଳକ ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି ଅବସରରେ ପୂର୍ବତନ ବିଜେପି ସାଂସଦ ବିନୋଦ ସୋଂକର ଏବଂ ପୂର୍ବତନ ବିଧାୟକ ସଞ୍ଜୟ ଗୁପ୍ତା ମଧ୍ୟ ଉପସ୍ଥିତ ଥିଲେ।ପ୍ରଫେସର ଜୋଶୀ ଉତ୍ସବର ଉଦ୍ଘାଟନ କରିଥିବା ସମୟରେ ପ୍ରଚାର ଓ ପତ୍ରକାରିତାର ଡିଜିଟାଲ ପରିବର୍ତ୍ତନ ଏବଂ ଏବର୍ଷର ପ୍ରୟାଗରାଜ ମହାକୁମ୍ଭର ଡିଜିଟାଲିକରଣ ଉପରେ ଗୁରୁତ୍ୱ ଦେଇଥିଲେ। ସେ ରାଷ୍ଟ୍ରୀୟ ପତ୍ରକାର ମହାସଂଘର ଉଦ୍ୟମକୁ ସ୍ୱୀକୃତି ଦେଇ ମିଡିଆର ଭୂମିକା ଶକ୍ତିଶାଳୀ କରିବା ଉପରେ ଜୋର ଦେଇଥିଲେ।ସମସ୍ତ ସଂପାଦକ, ମୁଖ୍ୟ ସଂପାଦକ ଏବଂ ପ୍ରତିଷ୍ଠାତା ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ତର ପ୍ରଦେଶ ସଂଯୋଜକ ଏବଂ ଅନୁଷ୍ଠାନ ଆୟୋଜକ ମହମ୍ମଦ ଇସ୍ତିଆକ୍ ଙ୍କୁ ତାଙ୍କ ଅଗ୍ରଗାମୀ ପ୍ରୟାସ ପାଇଁ ବିଶେଷ ସମ୍ମାନ ଦିଆଯାଇଥିଲା।ବିନୋଦ ସୋଂକର ମହାକୁମ୍ଭ ୨୦୨୫ ର ସଫଳ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱର ପ୍ରଶଂସା କରିଥିଲେ।ଏହି ଉତ୍ସବରେ ପୂର୍ବତନ ଅତିରିକ୍ତ ଡିଏଚ, ଓଡ଼ିଶା ଓ ଓଡ଼ିଶା ହ୍ୟୁମାନ ରାଇଟ୍ସ କ୍ଲିନିକର ଅଧ୍ୟକ୍ଷ ଡ.ଗୋପବନ୍ଧୁ ମଲ୍ଲିକ, ପ୍ରୟାଗରାଜ ସମବାୟ ବ୍ୟାଙ୍କର ଅଧ୍ୟକ୍ଷ ଶିବ ମୋହନ ମୌର୍ଯ୍ୟ, ଓରଝଗଘ ର ଅଧ୍ୟକ୍ଷ ଅରୁଣ ଗୋଏଲ, ନୂଆ ଦିଲ୍ଲୀ ନଗର ପରିଷଦ ଅଧ୍ୟକ୍ଷ ବିରେନ୍ଦ୍ର କୁମାର ଫୌଜୀ ଏବଂ କବିତା ପାସୀ ମଧ୍ୟ ଉପସ୍ଥିତ ଥିଲେ।ଏହି ମିଡିଆ ମହାକୁମ୍ଭ ଭାରତର ସାଂସ୍କୃତିକ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ରକ୍ଷା କରିବାରେ ପତ୍ରକାରିତାର ମହତ୍ତ୍ୱପୂର୍ଣ୍ଣ ଭୂମିକାକୁ ପ୍ରକାଶ କରିଥିଲା। ଏପରି ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀ ମିଡିଆ ମହାକୁମ୍ଭ ୨୦୨୫ କୁ ଏକ ଐତିହାସିକ ଘଟଣା ଭାବେ ସ୍ମରଣୀୟ କରିବ। ବି. ଏସ୍. ଦେଶପାଣ୍ଡେ, ମହାସଂଘ ମୁଖ୍ୟ ସଂଯୋଜକ ଓ ବିରେନ୍ଦ୍ର ସାଇନୀ, ସଂଯୋଜକ ଏବଂ ଦିଲ୍ଲୀ ଏନ. ସି . ଆର୍. ଅଧ୍ୟକ୍ଷ ପ୍ରମୁଖ ସମାବେଶ ଚାଳନା କରିଥିଲେ ।ଏହି ଅବସରରେ ମହାସଂଘର ପ୍ରତିଷ୍ଠାତା ସଦସ୍ୟମାନେ ଯଥା :ଶିବ ପ୍ରକାଶ, କେ. ସଂଜୀବ, ମେହେତାବ ଖାନ ଚନ୍ଦ୍ର, ଗୋପୀନାଥ ସାହୁ, ହିମାଂଶୁ ଉପାଧ୍ୟାୟ, ଜିତେନ୍ଦ୍ର ସିଂହ, କମଲେଶ ସାହୁ, ମନୋଜ ଗୋଏଲ, ମନୋଜ କେଶରୱାନୀ, ନୀରଜ୍ ମନସୁର, ପ୍ରିୟବ୍ରତ ନାୟକ, ସବିଲ ଅହମଦ୍, ସରତ ବେହେରା, ସର୍ୱ? ଆଲମ୍, ସନ୍ୱାଜ୍ ଅଖ୍ତର, ସାନ୍ତି ଗୌତମ, ତବଜିଲ ଅହମଦ୍, ଦାହିର ଅହମଦ୍, ବିକାଶ ଗୌତମ, ଅବିଦ୍ ହୁସେନ୍, ଏମ୍ ଡି ଅବିଦ୍, ଡ଼. ଶଶିଭୂଷଣ କୁମାର, ଏମ୍. ଡି. ନସିମ୍, ଏମ୍. ଡି. ନୌସିବ୍, ଏମ୍. ଡି. ଶାହରୁଖ୍, ଅବଦୁଲ କାଦିର୍, ଅଜୟ କୁମାର ଚୌଧୁରୀ, ଅଲି ଅହମଦ୍, ଅମନ୍ ନାରାୟଣ ସ୍ୱାମୀ, ଅସଗର୍ ଅଲି, ବକର୍ ହୁସେନ୍, ବସବ୍ ଗୌଡ଼ା, ଦୀପକ୍ କୁମାର ସାହୁ, ତାହିର୍ ଅହମଦ୍, ପ୍ରିୟରଞ୍ଜନ କର ପ୍ରମୁଖ ସମ୍ମାନୀତ ହୋଇଥିଲେ।

## ଚନ୍ଦ୍ରଶେଖର ହୋତା ଓଡିଶା ସାହିତ୍ୟ ଏକାଡେମୀ ସଚିବ ନିଯୁକ୍ତ



ଭୁବନେଶ୍ୱର,୨୫।୨(ପି.ଏନ): ବରିଷ୍ଠ ଓପିଏସ୍ ଅଧିକାରୀ ତଥା ସାହିତ୍ୟିକ ଚନ୍ଦ୍ର ଶେଖର ହୋତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀର ନୂତନ ସଚିବ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଏ ନେଇ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏହା ସହିତ ତା ୨୮.୨.୨୫ରିଖରୁ ଡ. ହୋତା ସଙ୍ଗୀତ ନାଟକ ଏକାଡେମୀର ସଚିବ ଦାୟିତ୍ୱରେ ମଧ୍ୟ ରହିବେ । ଅନ୍ୟାଦେଶ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇବେ। ପୁଲିସ ଚାକିରି କରୁଥିବା ଚନ୍ଦ୍ରଶେଖର ହୋତା ଜଣେ ଉଚ୍ଚକୋଟିର ଲେଖକ । ପ୍ରବନ୍ଧ, ରଚନା ଲେଖନୀଠାରୁ ଆରମ୍ଭ କରି ସ୍ତମ୍ଭ ଲେଖାରେ ମଧ୍ୟ ସେ ବେଶ୍ ନିପୁଣ।

## ଆବାସିକ ବିଦ୍ୟାଳୟର ଦଶମ ଛାତ୍ରୀଙ୍କ ପ୍ରସବ ଘଟଣା: ଜିଲ୍ଲା ପ୍ରଶାସନର ବଡ କାର୍ଯ୍ୟାନୁଷ୍ଠାନ



ମାଲକାନଗିରି,୨୫।୨(ପି.ଏନ): ଆବାସିକ ବିଦ୍ୟାଳୟର ଦଶମ ଛାତ୍ରୀଙ୍କ ପ୍ରସବ ଘଟଣାରେ ଦୁଇଜଣଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଇଛି । ଆବାସିକ ବିଦ୍ୟାଳୟର ମହିଳା କର୍ମଚାରୀଙ୍କୁ ବହିଷ୍କାର କରିଛି ଏବଂ ଜଣେ ସହାୟକ ନର୍ସ ମିଡ୍ ୱାଇଫ୍ (ANM)ଙ୍କୁ ନିଲମ୍ବିତ କରିଛି। ଗତକାଲି ଚିତ୍ରକୋଣ୍ଡାର ସରକାରୀ SSD ବାଳିକା ଉଚ୍ଚ ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀ ଛାତ୍ରୀ ଏକ ଶିଶୁକୁ ଜନ୍ମ ଦେବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ପ୍ରଭାବରୁ ଲେଡି ମାଟ୍ରନ୍ ସୁଚିତ୍ରା ଚର୍ଚ୍ଚଙ୍କୁ ନିଲମ୍ବିତ କରିଛି ଏବଂ ଇଘଗ (SSD) କବିତା କୁମାରୀ ପାତ୍ରଙ୍କୁ ନିଲମ୍ବିତ କରିଛି। ସ୍କୁଲର ପ୍ରଧାନ ଶିକ୍ଷକ ଅଜିତ କୁମାର ମାଡକାମିଙ୍କୁ ନିଲମ୍ବିତ କରିବା ପାଇଁ ସରକାରଙ୍କୁ ସୁପାରିଶ କରାଯାଇଛି ଏବଂ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ସୋମବାର ସନ୍ଧ୍ୟାରେ, ଦଶମ ଶ୍ରେଣୀ ଛାତ୍ରୀ ତାଙ୍କ ମାଟ୍ରିକ୍ ପରୀକ୍ଷା ପତ୍ର ଲେଖିବା ପରେ ଚିତ୍ରକୋଣ୍ଡା ଉପ-ବିଭାଗୀୟ ଡାକ୍ତରଖାନାରେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ।

## ସିଏଜି ରିପୋର୍ଟ: ଦିଲ୍ଲୀ ମଦ ନୀତି ଯୋଗୁ ୨ ହଜାର କୋଟିର କ୍ଷତି

ଭୁବନେଶ୍ୱର,୨୫।୨(ପି.ଏନ): ଦିଲ୍ଲୀରେ ଲାଗୁ ହେବା ପରେ ପ୍ରତ୍ୟାହୃତ ହୋଇ ସାରିଥିବା ଅବକାରୀ ନୀତି ଯୋଗୁ ସରକାରଙ୍କୁ ହୋଇଛି ୨ ହଜାର କୋଟିରୁ ଅଧିକ କ୍ଷତି। ୨୦୨୧ରେ ତତ୍କାଳୀନ ଆପ୍ ସରକାର ଦିଲ୍ଲୀରେ ନୂଆ ଅବକାରୀ ବା ମଦ ନୀତି ଲାଗୁ କରିଥିଲେ। ଏଥିରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହୋଇଥିଲା। ବର୍ଷକ ମଧ୍ୟରେ ଏହାକୁ ପ୍ରତ୍ୟାହୃତ କରାଯାଇଥିଲେ ହେଁ ଆଦମୀ ପାର୍ଟିର ମୁଖ୍ୟ ଅରବିନ୍ଦ କେଜ୍ରିୱାଲ, ଅବକାରୀ ମନ୍ତ୍ରୀ ମନୀଷ ସିସୋଦିଆ ଓ ରାଜ୍ୟସଭା ସାଂସଦ ସଂଜୟ ସିଂହଙ୍କୁ ଦୀର୍ଘ ମାସ ଜେଲ ଯିବାକୁ ପଡିଥିଲା।ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ବି ବିବାଦୀୟ ମଦ ନୀତି ନେଇ ଉଭୟ ଆପ୍ ଓ ବିଜେପି ମୁହାଁମୁହିଁ ହୋଇଥିଲେ।

## ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଦୁର୍ନୀତିର ଗନ୍ଧ, ରାସ୍ତା ନିର୍ମାଣ ନସରୁଣୁ ଉଠିଯାଉଛି ଗୋଡି

ଭୁବନେଶ୍ୱର,୨୫।୨(ପି.ଏନ): ସରକାର ଗମନାଗମନର ସୁବିଧା ପାଇଁ କୋଟିକୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରୁଛନ୍ତି ରାସ୍ତା । ମାତ୍ର ଦାୟିତ୍ୱରେ ଥିବା ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ରାସ୍ତା ନିର୍ମାଣ ନ ସରୁଣୁ ଉଠିଯାଉଛି ଗୋଡି । ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ବରୀ ବ୍ଲକରେ ।ନିମ୍ନମାନର ରାସ୍ତା କାମକୁ ନେଇ ତାତିଲେ ଗ୍ରାମବାସୀ । ଅଧାରୁ ବନ୍ଦ କଲେ ରାସ୍ତା କାମ । ଏଭଳି ଘଟଣା ସାମ୍ନାକୁ ଆସିଛି ଯାଜପୁର ଜିଲ୍ଲା ବରୀ ବ୍ଲକ ରନ୍‌ଗିରି ପଞ୍ଚାୟତରୁ । ଆଲିଆବାଦ ଶିବମନ୍ଦିର ଠାରୁ ପଟଣା ହନୁମାନ ଛକ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ରାସ୍ତା ନିର୍ମାଣ ଚାଲିଛି । ହେଲେ ନିର୍ମାଣଧୀନ ରାସ୍ତାରେ ବ୍ୟବହୃତ ହେଉଥିବା ସାମଗ୍ରୀ ଅତି ନିମ୍ନମାନର ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ । ପତଳା ବାଲି, ନିମ୍ନମାନର ଚିପ୍ସ ସହିତ ନିମ୍ନ ମାନର ସିମେଣ୍ଟ ବ୍ୟବହାର ହେଉଥିବା ଅଭିଯୋଗ । ଏପରି କି ନିର୍ମାଣ ପରେ ଢ଼ଳାଇରେ ପାଣି ଦିଆ ଯାଉନାହିଁ । ଫଳରେ ରାସ୍ତା ଫାଟିବା ସହିତ ଗୋଟି ଉଠିଯିବା ଆଶଙ୍କା କରି ରାସ୍ତା କାମ ବନ୍ଦ ରଖିଛନ୍ତି ଗ୍ରାମବାସୀ ।ସରକାରୀ ନିୟମ ମୁତାବକ ରାସ୍ତା କାମ ସମୟରେ ଦାୟିତ୍ୱରେ ଥିବା ଅଧିକାରୀ ମାନେ କାର୍ଯ୍ୟ ତଦାରଖ କରିବା କଥା। କିନ୍ତୁ କାର୍ଯ୍ୟ ହେଉଥିବା ବେଳେ ଏଠି କୌଣସି ଅଧିକାରୀ ତଦାରଖ କରିବାକୁ ଆସୁନାହାନ୍ତି । ଏଥି ସହିତ କେତେ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ ହେଉଛି । ଏବଂ କି କି ପ୍ରକାର କାର୍ଯ୍ୟ କରାଯିବ ବୋଲି ସୂଚନା ଫଳକରେ ଉଲ୍ଲେଖ କରାଯିବା କଥା । ହେଲେ ତାହା ସୂଚନା ଫଳକରେ ଲେଖାଯାଇ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।





ରାଷ୍ଟ୍ରୀୟ ପତ୍ରକାର ମହାସଂଘର ରାଷ୍ଟ୍ରୀୟ ସଭାପତି ଡକ୍ଟର ପବିତ୍ର ମୋହନ ସାମନ୍ତରାୟ ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନରେ ବେଦିକ୍ ଲାଇଫ୍ ଫାଉଣ୍ଡେସନର ଅଧ୍ୟକ୍ଷ ସ୍ୱାମୀ ଶୈଳେନ୍ଦ୍ର ସରସ୍ୱତୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

## କୁଳପତିଙ୍କୁ ସାଇବର ଠକେଇ, ଆଖିପିଛୁଳାକେ ନେଇଗଲେ ୧୪ ଲକ୍ଷ

ବ୍ରହ୍ମପୁର,୨୫।୨(ପି.ଏନ): ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ କୁଳପତି ସାଇବର ଠକେଇର ଶିକାର ହେଲେ । ଭିସି ପ୍ରଫେସର ଗୀତାଞ୍ଜଳୀ ଦାସଙ୍କୁ ସାଇବର ଠକେଇ ।ଡିଜିଟାଲ ଆରେଷ୍ଟ ଜରିଆରେ ୧୪ ଲକ୍ଷ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ଇଡି ଅଫିସର ପରିଚୟ ଦେଇ ଡିଜିଟାଲ ଆରେଷ୍ଟ କରାଯାଇଥିବା କହିଛନ୍ତି କୁଳପତି ।ଏ ନେଇ ସାଇବର ଥାନାରେ ଅଭିଯୋଗ ହୋଇଥିବା ଏସ.ପି.ଙ୍କ ସୂଚନା । ଇଣ୍ଟରନେଟର ବ୍ୟବହାର ଯେଉଁଭଳି ଭାବେ ବଢ଼ିବାରେ ଲାଗିଛି, ସାଇବର ଠକେଇ



ମାମଲାରେ ମଧ୍ୟ ବୃଦ୍ଧି ଘଟୁଛି । ଏହାକୁ ରୋକିବା ଦିଗରେ ସାଇବର ସେଲର ଗଠନ କରାଯାଇଛି । ତେବେ କୁଳପତିଙ୍କ ଅଭିଯୋଗ ପରେ ତଦନ୍ତ ଆରମ୍ଭ କରିଛି ସ୍ଥାନୀୟ ସାଇବର ପୋଲିସ ।

## ଗଙ୍ଗା କୂଳରୁ ଧରା ପଡିଲେ ମା'-ଝିଅ, ମୃତଦେହ ସହ କରୁଥିଲେ ଏମିତି କାମ

ଭୁବନେଶ୍ୱର,୨୫।୨(ପି.ଏନ): କୋଲକାତାର କୁମାରତୁଲିରେ ଥିବା ଗଙ୍ଗା ଘାଟରେ ସବୁ ଦିନ ଭଳି ଆଜି ମଧ୍ୟ ସ୍ଥାନୀୟ ଅଞ୍ଚଳର ଲୋକ କିଛି ଲୋକ ଯୋଗ କରିବାକୁ ଏକାଠି ହୋଇଥିଲେ। ସେମାନଙ୍କ ପାଇଁ ଆଜିର ସକାଳ ସବୁଦିନ ଭଳି ଥିଲା। କିନ୍ତୁ ଗଙ୍ଗା କୂଳରେ ଆଜି ଘଟିଥିବା ଅପ୍ରତ୍ୟାଶିତ ଘଟଣା ସମସ୍ତଙ୍କୁ ଚକିତ କରି ଦେଇଛି। କୁମାରତୁଲି ହେଉଛି ସ୍ଥପତିଙ୍କ ପେଣ୍ଠସ୍ଥଳ। ଏହି ସ୍ଥପତିମାନେ ଦୁର୍ଗା ପୂଜା ସମୟରେ ଚଳଚଞ୍ଚଳ ହୋଇ ଉଠନ୍ତି। ବର୍ଷର ବାକି ସମୟ ଏଠାରେ ଅସମ୍ଭାଳ ନୀରବତା ଦେଖିବାକୁ ମିଳିଥାଏ। କିନ୍ତୁ ଆଜି ସକାଳ ୭.୩୦ରେ ଏଠାକାର ଲୋକମାନେ ଦେଖିବାକୁ ପାଇଥିଲେ ଯେ ଗୋଟିଏ ଧଳା ଓ ନୀଳ ରଙ୍ଗର କାରରୁ ଓହ୍ଲାଇଥିଲେ ଦୁଇ ଜଣ ମହିଳା। ସେମାନଙ୍କ ହାତରେ ଥିଲା ବାଇଗଣୀ ରଙ୍ଗର ଗୋଟିଏ ଟ୍ରଲି ବ୍ୟାଗ। ସେମାନେ ଏହାକୁ ଭିଡଭିଡି ଗଙ୍ଗା ନଦୀ କୂଳକୁ ନେବାକୁ ଚେଷ୍ଟା କରୁଥିଲେ। ହେଲେ ଦୁଇ ମହିଳା ସବୁ ପ୍ରକାରର ଉଦ୍ୟମ କରିଥିଲେ ହେଁ ଏହାକୁ ଭିଡି ଆଗକୁ ନେଇ ପାରି ନଥିଲେ। ସେମାନଙ୍କ ହାବଭାବ ଦେଖି ଯୋଗ କରିବାକୁ ଆସିଥିବା କିଛି ଲୋକ ଦୁଇ ମହିଳାଙ୍କ ପାଖକୁ ଆସିଥିଲେ ଓ ସେମାନଙ୍କୁ ପ୍ରଶ୍ନ କରିଥିଲେ। ଦୁଇ ମହିଳା ବେଧଡକ ଅନ୍ଦାଜରେ କଥା କହିବା ସହ କାହାକୁ ବି ଟ୍ରଲି ବ୍ୟାଗ ଛୁଇଁବାକୁ ଦେଇ ନଥିଲେ। ସେମାନଙ୍କ କଥାବାର୍ତ୍ତା ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା। ଏହାପରେ ସେମାନେ ପୁଲିସ୍‌କୁ ଖବର ଦେଇଥିଲେ।

## ଜାଗରରେ କପିଳାସ ପୀଠକୁ ସାମ୍ବାଦିକଙ୍କୁ ବାରଣ କଲା ଜିଲ୍ଲା ପ୍ରଶାସନ

ଭୁବନେଶ୍ୱର,୨୫।୨(ପିଏନ): ଆସନ୍ତାକାଲି ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବ ପୀଠ କପିଳାସରେ ଚନ୍ଦ୍ରଶେଖରଙ୍କ ଜାଗର ଯାତ୍ରା। ଏଥିପାଇଁ ପ୍ରସ୍ତୁତି ଚାଲିଥିବା ବେଳେ କପିଳାସ ପୀଠକୁ ସାମ୍ବାଦିକଙ୍କୁ ବାରଣ କରିଛି ଜିଲ୍ଲା ପ୍ରଶାସନ । ଏହାକୁ ନେଇ ଦେଖାଦେଇଛି ଘୋର ଅସନ୍ତୋଷ। ପ୍ରଶାସନର ଏହି ନିଷ୍ପତ୍ତିକୁ ସାମ୍ବାଦିକମାନେ ତୀବ୍ର ନିନ୍ଦା କରିଛନ୍ତି। କାହିଁକି ପ୍ରଶାସନ ଏପରି ନିଷ୍ପତ୍ତି ନେଇଛି, ଏହା ପଛର କାରଣ କଣ ତାହା ସ୍ପଷ୍ଟ ହୋଇନାହିଁ। ପ୍ରଶାସନ ଏହାର ଉତ୍ତର ରଖୁ ବୋଲି ଦାବି କରିଛି ସାମ୍ବାଦିକ ସଂଘ। ଆଇନଜୀବୀମାନେ ମଧ୍ୟ ଏପରି ନିଷ୍ପତ୍ତିକୁ ନାପସନ୍ଦ କରିଛନ୍ତି।

## ହୋମଗାର୍ଡଙ୍କୁ ପ୍ରତାରଣା ଅଭିଯୋଗ: ଆଇଆଇସିଙ୍କ ବିରୋଧରେ ମାମଲା

ଭୁବନେଶ୍ୱର,୨୫।୨(ପି.ଏନ): ରାଜ୍ୟର ଜଗତସିଂପୁର ଜିଲ୍ଲାରେ ଜଣେ ଯୁବତୀ ହୋମଗାର୍ଡ ପୁଲିସ ଅଧିକାରୀଙ୍କ ବିରୋଧରେ ଯୌନ ନିର୍ଯ୍ୟାତନାର ଏକ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ଅବିବାହିତ ମହିଳା ହୋମଗାର୍ଡଙ୍କ ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ପୁଲିସ ଅଧିକାରୀ ଜଣକ ପୂର୍ବରୁ ବିବାହିତ ଏବଂ ତାଙ୍କର ପିଲାଛୁଆ ଅଛନ୍ତି। ସେ କିଛି ବର୍ଷ ପୂର୍ବେ ? ଜଗତସିଂହପୁର ଟାଉନ ପୁଲିସ ଷ୍ଟେସନରେ ଏଏସ୍ ?ଆଇ ଭାବରେ ନିଯୁକ୍ତ ହୋଇଥିଲେ। ସେତେବେଳେ ହୋମଗାର୍ଡ ଜଣକ ରାଇଟର୍ ଭାବରେ କାର୍ଯ୍ୟ କରୁଥିଲେ। ଧୀରେ ଧୀରେ, ହୋମଗାର୍ଡ ସଂପୃକ୍ତ ପୁଲିସ ଅଧିକାରୀ ତପନ ନାହାକଙ୍କ ପ୍ରେମରେ ପଡ଼ିଗଲେ ଏବଂ ସେମାନଙ୍କ ସମ୍ପର୍କ ଗଭୀର ହେବା ସହିତ ଶାରୀରିକ ମଧ୍ୟ ହୋଇଥିଲା। କିନ୍ତୁ, କୁଜଙ୍ଗ ପୁଲିସ ଷ୍ଟେସନର ଆଇଆଇସି ଭାବରେ ବଦଳି ହେବା ପରେ ତପନ ନାହାକ ତାଙ୍କୁ ଏଡ଼ାଇ ଯିବା ଆରମ୍ଭ କରିଥିଲେ।ଗତ କିଛି ଦିନ ଧରି ତାଙ୍କ କାର୍ଯ୍ୟକଳାପ ଏବଂ ସମ୍ପର୍କରେ ପରିବର୍ତ୍ତନ ଦେଖିବା ପରେ, ମହିଳା ହୋମଗାର୍ଡ ଗତକାଲି କୁଜଙ୍ଗ ଥାନାର ଆଇଆଇସି ତପନ ନାହାକଙ୍କ ବିରୋଧରେ ଏକ ମାମଲା ରୁଜୁ କରି ନ୍ୟାୟ ମାଗିଥିଲେ। କିନ୍ତୁ, ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ଜାଣିବା ପରେ ଆଇଆଇସି ତପନ ଥାନା ଛାଡି ପଳାଇ ଯାଇଥିଲେ।ହୋମଗାର୍ଡଙ୍କ ଅଭିଯୋଗ ଆଧାରରେ, ଜଗତସିଂପୁର ପୁଲିସର ଏକ ସ୍ୱତନ୍ତ୍ର ଦଳ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଖୋର୍ଦ୍ଧା ନିକଟରୁ କୁଜଙ୍ଗ ପୁଲିସ ଷ୍ଟେସନର ଆଇଆଇସି ତପନ ନାହାକଙ୍କୁ ଅଟକ ରଖିଥିଲା। ଜଗତସିଂହପୁର ପୋଲିସ ଅଧିକ୍ଷକ (ଏସପି) ଭବାନୀ ଶଙ୍କର ଉଦଗାତା କହିଛନ୍ତି, ଜଣେ ମହିଳା ହୋମଗାର୍ଡ ଥାନାରେ ରାଇଟର ଭାବରେ କାମ କରୁଥିବା ସମୟରେ ଆଇଆଇସି ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିବା ରିପୋର୍ଟ କରିଥିଲେ। ଜଗତସିଂହପୁର ପୁଲିସ ଷ୍ଟେସନରେ ଏକ ମାମଲା ନଂ ୧୧୭/୨୫ ରୁଜୁ କରାଯାଇଛି ଏବଂ ତଦନ୍ତ ଚାଲିଛି। ଦୀର୍ଘ ୫ ବର୍ଷ ହେଲା ବସୁଧା ପ୍ରକଳ୍ପ ଅଧାଗ ?।: ପାନୀୟ ଜଳ ପାଇଁ ମହିଳା ହନ୍ତସନ୍ତ ସେ କହିଛନ୍ତି, ଆଇଆଇସିଙ୍କ ବିରୋଧରେ ଏଫଆଇଆର ରୁଜୁ ହୋଇଥିବାରୁ, ତାଙ୍କୁ ଜିଲ୍ଲା ମୁଖ୍ୟାଳୟରେ ସଂଲଗ୍ନ କରାଯାଇଛି ଏବଂ ତାଙ୍କ ବିରୋଧରେ ଅଭିଯୋଗ ପ୍ରମାଣିତ ହେବା ପରେ ହିଁ କୋର୍ଟକୁ ପଠାଯିବ।ଅନ୍ୟପକ୍ଷରେ, ମହିଳା ହୋମଗାର୍ଡଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ଜଗତସିଂହପୁର ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନା (ଡିଏଚ୍‌ଏଚ୍)କୁ ପଠାଯାଇଥିଲା। ଏହି ମାମଲାର ତଦନ୍ତ ଚାଲିଥିବା ସମୟରେ ତାଙ୍କୁ ଟ୍ରାଫିକ୍ ବିଭାଗକୁ ସ୍ଥାନାନ୍ତର କରାଯିବ ବୋଲି ସୂତ୍ରରୁ ଜଣାପଡ଼ିଛି।

## ଆଜୀବନ କାରାଦଣ୍ଡରେ ଦଣ୍ଡିତ ବ୍ୟକ୍ତିଙ୍କ ରାଜକ୍ଷମା ପାଇଁ ଆବେଦନ କଲେ ପରିବାର ଲୋକ

ଭୁବନେଶ୍ୱର,୨୫।୨(ପି.ଏନ): ଆଜୀବନ କାରାଦଣ୍ଡରେ ଦଣ୍ଡିତ ବ୍ୟକ୍ତିଙ୍କ ରାଜକ୍ଷମା ପାଇଁ ଆବେଦନ କଲେ ପରିବାର ଲୋକ । ୧୯୯୪ ମସିହା ମାର୍ଚ୍ଚ ୧ ତାରିଖ ଦିନ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ବି.ନୂଆ। ପଲ୍ଲୀ ଗାଁରେ ଘଟିଥିଲା ଡବଲ ମର୍ଡର । ଏହି ଡବଲ ମର୍ଡରରେ ସିତାରାମ ପ୍ରଧାନ ଓ ଶରତ ପ୍ରଧାନଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣାରେ ୪ ଜଣ ବ୍ୟକ୍ତି ଗିରଫ ହୋଇଥିଲେ । ସେହି ସମୟରେ ହିଁ ଜଣେ ବ୍ୟକ୍ତି କୋର୍ଟରେ ଖଲାସ ହୋଇ ଯାଇଥିଲେ। ଅନ୍ୟ



ତିନିଜଣଙ୍କୁ ଆଜୀବନ କାରାଦଣ୍ଡ ସୁଣାଇଥିଲେ କୋର୍ଟ । ଘଟଣାର ୧୨ ବର୍ଷ ପରେ ଦୁଇ ଜଣଙ୍କୁ ଜେଲ ବୋର୍ଡର ନିଷ୍ପତ୍ତି ଅନୁଯାରେ ଖଲାସ କରାଯାଇଥିବା ବେଳେ ଏବେ ବି ଜେଲରେ ଅଛନ୍ତି ବସନ୍ତ କୁମାର ପ୍ରଧାନ । ତାଙ୍କୁ ରାଜକ୍ଷମା ଦେଇ ଖଲାସ କରିବା ପାଇଁ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କୁ ପତ୍ର ମାଧ୍ୟମରେ ନିବେଦନ କରିଛନ୍ତି ପରିବାର ସଦସ୍ୟ।








# ନିର୍ମାତାଙ୍କ ଉପରେ ଗମ୍ଭୀର ଆରୋପ ଆଣିଲେ କ୍ରିଷ୍ଣା



**କ୍ରିଷ୍ଣା** ମୁଖାର୍ଜୀ ଜଣେ ପ୍ରସିଦ୍ଧ ଟିଭି ଅଭିନେତ୍ରୀ। ସେ ଲୋକପ୍ରିୟ ଧାରାବାହିକ 'ୟେ ହେ ମୋହବତେଁ'ରେ ଅଭିନୟ କରି ଲୋକପ୍ରିୟ ହୋଇଥିଲେ। ମନୋରଞ୍ଜନ ଇଣ୍ଡଷ୍ଟ୍ରିରେ ଏକ ଦଶନ୍ଧିରୁ ଅଧିକ ସମୟ ଧରି କାମ କରି ଆସୁଥିବା କ୍ରିଷ୍ଣା ତାଙ୍କ କ୍ୟାରିଅରରେ 'ନାଗିନ୍-୩','କୁଛ ତୋ ହେ: ନାଗିନ୍ ଏକ୍ ନଏ ରଙ୍ଗ ମେଁ',' ଶୁଭ ଶଗୁନ୍' ଏବଂ ଅନ୍ୟାନ୍ୟ ପ୍ରସିଦ୍ଧ ସିରିଏଲରେ ଅଭିନୟ କରିଛନ୍ତି। ଏବେ କ୍ରିଷ୍ଣା ତାଙ୍କ ଇନଷ୍ଟାଗ୍ରାମ ଆକାଉଂଟରେ 'ଶୁଭ ଶଗୁନ୍'ର ସେଟରେ ଘଟିଥିବା ଘଟଣାର ଯନ୍ତ୍ରଣାଦାୟକ ଅନୁଭୂତି ସେୟାର କରିଛନ୍ତି। କିଭଳି 'ଶୁଭ ଶଗୁନ୍'ର ନିର୍ମାତା ସୁଟିଂ ସମୟରେ ତାଙ୍କୁ ନିର୍ଯାତନ ଦେଇଥିଲେ ତାହା ସେ ଏକ ପୋଷ୍ଟ ମାଧ୍ୟମରେ ଲେଖି ଜଣାଇଛନ୍ତି। ନିଜ ଇନଷ୍ଟାଗ୍ରାମ ଆକାଉଂଟରେ ଏକ ପୋଷ୍ଟ ସେୟାର କରି ସେ ଲେଖିଛନ୍ତି ଯେ, ଗତ ଦେଢ଼ ବର୍ଷ ଧରି ମୁଁ ଅନେକ ସମସ୍ୟାର ସାମ୍ନା କରୁଛି। ପୂର୍ବରୁ ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ମୋ ପାଖରେ ସାହସ ନଥିଲା। କିନ୍ତୁ ବର୍ତମାନ ମୁଁ ଏହାକୁ ଆଉ ନିଜ ଭିତରେ ଚାପି ରଖିପାରିବି ନାହିଁ। 'ଶୁଭ ଶଗୁନ୍'ର ନିର୍ମାତା କୁନ୍ଦନ ସିଂଙ୍କୁ ତାଙ୍କ ପୋଷ୍ଟରେ ଟ୍ୟାଗ କରି ଅଭିନେତ୍ରୀ ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ପ୍ରଡକ୍ସନ୍ ହାଉସ୍ ଏବଂ ନିର୍ମାତା ବାରମ୍ବାର ହଇରାଣ କରୁଥିଲେ। ୫ମାସର ପାରିଶ୍ରମିକ ନଦେବା ସହ ମେକଅପ୍ ରୁମରେ ବନ୍ଦ କରି ଦେଉଥିଲେ। ଦିନେ ପୋଷାକ ପିନ୍ଧୁଥିବା ବେଳେ ନିର୍ମାତା ଆସି ବହୁତ ଜୋରରେ କବାଟ ବାଡ଼ାଇଥିଲେ, ଲାଗିଲା ଯେମିତି କବାଟ ଭାଙ୍ଗିଯିବ। ଏତେ ସବୁ ପରେ ଯେତେବେଳେ କ୍ରିଷ୍ଣା ସୋ' ଛାଡ଼ିଲେ ତାଙ୍କୁ ନିର୍ମାତା ଧମକ ଦେବା ଆରମ୍ଭ କରିଥିଲେ, ଯେଉଁ କାରଣରୁ ସେ ଅନ୍ୟ ପ୍ରୋଜେକ୍ଟରେ କାମ କରିବାକୁ ଡରୁଥିଲେ। ହେଲେ ଏବେ ସେ ମୁହଁ ଖୋଲିବା ସହ ମୋତେ ନ୍ୟାୟ ଦରକାର ବୋଲି କହିଛନ୍ତି।

# ଅଲଗା ହେଲେ ଶ୍ରୁତି-ସାନ୍ତନୁ !

**ଦ**କ୍ଷିଣ ଓ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ ହେଉଛନ୍ତି ଶ୍ରୁତି ହସନ। ସେ ଅଭିନୟ କରିବା ସହ ଗୀତ ମଧ୍ୟ ଗାଇବାକୁ ପସନ୍ଦ କରନ୍ତି। ଅନେକ ସମୟରେ ତାଙ୍କ ପେସାଦାର ଜୀବନ ସହ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚା ହୁଏ। ଅନେକ ସମୟରେ ସେ ନିଜ ପ୍ରେମିକ ସାନ୍ତନୁ ହଜାରିକାଙ୍କ ସହ ଫଟୋ ସେୟାର କରୁଥିବା ଦେଖିବାକୁ ମିଳେ। ତେବେ କିଛି ମାସ ହେଲାଣି ସେ ସାନ୍ତନୁଙ୍କ ସହ ପ୍ରେମ ସମ୍ପର୍କରେ ଥିବା ବେଳେ ଦୁହେଁ ଖୁବଶୀଘ୍ର ବିବାହ କରିବେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଏବେ ଦୁହିଁଙ୍କ ବ୍ରେକଅପ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ଦୁହେଁ ଇନଷ୍ଟାଗ୍ରାମରେ ପରସ୍ପରକୁ ଅନଫଲୋ କରିବା ସହ ଫଟୋ ହଟାଇ ଦେଇଛନ୍ତି। ଏହାକୁ ଦେଖିବା ପରେ ଦୁହେଁ ପରସ୍ପରଠାରୁ ଅଲଗା ହୋଇଥିବା କୁହାଯାଉଛି। ଗତବର୍ଷ ଜାତୀୟ ଗଣମାଧ୍ୟମ ହିନ୍ଦୁସ୍ତାନ ଟାଇମ୍ସ ସହ କଥା ହୋଇ ଶ୍ରୁତି ହସନ କହିଥିଲେ ଯେ, "ବିବାହ ଶବ୍ଦ ମୋତେ ବହୁତ ଭୟଭୀତ କରେ। ଏଥିରେ ବହୁତ କିଛି ଅଛି ଯେଉଁ କାରଣରୁ ମୁଁ ଏହା ବିଷୟରେ ଚିନ୍ତା କରିବାକୁ ଚାହେଁ ନାହିଁ। ମୁଁ ତାଙ୍କ ସହ ରହି ଖୁସି। ତାଙ୍କ ସହଯୋଗରେ ଭଲ କାମ କରୁଛି ଏବଂ ଆମେ ଏକତ୍ର ବହୁତ ଭଲ ସମୟ କାଟୁଛୁ। ଅଧିକାଂଶ ବିବାହ ଅପେକ୍ଷା ଏହା ଭଲ ନୁହେଁ କି? ଆମେ ପରସ୍ପର ପାଇଁ ଅଛୁ ଏବଂ କଠିନ ସମୟରେ ପରସ୍ପରକୁ ସମର୍ଥନ କରୁଛୁ। ସଂଘର୍ଷ କରୁଥିବା ସମୟରେ ତୁମ ସହ କେହି ଥିଲେ ବହୁତ ଭଲ ଲାଗେ। ଏକାକୀ ସବୁକିଛି ସାମ୍ନା କରିବା ଅପେକ୍ଷା ଏହା ଭଲ। ମୁଁ ଭାବୁଛି ଆମ ଭିତରେ ଯେଉଁଭଳି ସମ୍ପର୍କ ରହିଛି, ତା'ଠାରୁ ଭଲ କିଛି ହୋଇନପାରେ।"



# ପିତାଙ୍କ ପାଇଁ ନେହାଙ୍କ ରୋଡ୍ ଶୋ

**ବ**ଲିଉଡ଼ ଅଭିନେତ୍ରୀ ନେହା ଶର୍ମା ବିହାରରେ ଏକ ରୋଡ୍ ଶୋରେ ଭାଗ ନେଇଥିବା ଦେଖିବାକୁ ମିଳିଛି। ନେହା ତାଙ୍କ ପିତା ଅଜିତ ଶର୍ମାଙ୍କ ସମର୍ଥନରେ ରୋଡ୍ ଶୋ କରିଛନ୍ତି, ଯିଏ କି କଂଗ୍ରେସ ଟିକେଟରେ ଭାଗଲପୁର ଲୋକସଭା ଆସନରୁ ନିର୍ବାଚନ ଲଢୁଛନ୍ତି। ରାଜନୀତିରେ ପ୍ରବେଶ କରିବାର ଚର୍ଚ୍ଚା ମଧ୍ୟରେ ନେହା ସ୍ପଷ୍ଟ କରିଛନ୍ତି ଯେ, ସେ କେବଳ ତାଙ୍କ ପିତାଙ୍କ ପାଇଁ ପ୍ରଚାର କରୁଛନ୍ତି। ନେହା ଶର୍ମା ଇନଷ୍ଟାଗ୍ରାମରେ ବାଙ୍କା, କିଶନଗଞ୍ଜ, କଟିହର ଏବଂ ପୂର୍ଣ୍ଣିୟା ସମେତ ବିହାରର ବିଭିନ୍ନ ଜିଲାରେ ନିଜ ଯାତ୍ରାର ଏକ ଭିଡିଓ ଶେୟାର କରିଛନ୍ତି। ସେ ପାରମ୍ପରିକ ସାଲଓ୍ୱାର କମିଜ୍ ପିନ୍ଧିଥିଲେ ଏବଂ ଜନସାଧାରଣଙ୍କୁ ଅଭିବାଦନ ଜଣାଇବା ସହ ସେମାନଙ୍କୁ ଭୋଟ୍ ଦେବାକୁ ଉତ୍ସାହିତ କରୁଥିବା ଦେଖାବାକୁ ମିଳିଛି। ରୋଡ୍ ଶୋ ସମୟରେ ଅଭିନେତ୍ରୀଙ୍କୁ ପେରପେନ୍ତି ଏବଂ କହଲଗାଓଁରେ ବହୁ ସଂଖ୍ୟକ ଲୋକ ତାଙ୍କୁ ସ୍ୱାଗତ କରିଥିଲେ। ଅନ୍ୟ ଏକ ଭିଡିଓରେ ଅଭିନେତ୍ରୀ ଭାଗଲପୁରରେ ତାଙ୍କ ପିତାଙ୍କ ନିର୍ବାଚନ ପ୍ରଚାରରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିବା ଦେଖାଯାଇଛି।



# ମହାକାଶରେ ଫୁଟିଲା ଜିନିଆ ଫୁଲ

**ଆ**ଗକୁ ମଙ୍ଗଳ ଗ୍ରହ ବା ପୃଥିବୀ ବାହାର ଅନ୍ୟାନ୍ୟ ସ୍ଥାନକୁ ମହାକାଶ ଯାତ୍ରା ନିମନ୍ତେ ମହାକାଶଚାରୀଙ୍କୁ ନିଜ ପାଇଁ ଖାଦ୍ୟ ପ୍ରସ୍ତୁତ କରିବାକୁ ପଡ଼ିବ। ତାହାକୁ ଦୃଷ୍ଟିରେ ରଖି ମହାକାଶ ଗବେଷକମାନେ ଅନ୍ତରୀକ୍ଷରେ ଉଦ୍ଭିଦ ବିକଶିତ କରିବା ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏହି କ୍ରମରେ ବୈଜ୍ଞାନିକମାନେ ଉଦ୍ଭିଦର ସ୍ଥିତି ସମ୍ପର୍କରେ ୧୯୭୦ ଦଶକରୁ ପରୀକ୍ଷା ନିରୀକ୍ଷା ଚଳାଇ ଆସିଛନ୍ତି। ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ପକ୍ଷରୁ ୨୦୧୫ ମସିହାରେ ମହାଶୂନ୍ୟରେ ପୃଥିବୀ ଚାରିପଟେ ଘୂରୁଥିବା ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଫୁଲ ଗଛ ଲଗାଇବା ଆରମ୍ଭ ହୋଇଥିଲା। ଏହାର ସୁଫଳ ମିଳିଥିବା ଏବେ ଜଣାଯାଇଛି। ସେଠାରେ ଫୁଟିଥିବା ଜିନିଆ ଫୁଲର ଚିତ୍ର 'ନାସା' ନିକଟରେ ପ୍ରକାଶ କରିଛି। 'ମହାକାଶରେ ବଗିଚା' ଗବେଷଣାର ଅଂଶବିଶେଷ ଏହି ଜିନିଆ ଫୁଲ କେବଳ ପ୍ରଦର୍ଶନୀ ପାଇଁ ନୁହେଁ, ବରଂ ପୃଥିବୀ ବାହାରେ କିପରି ଉଦ୍ଭିଦ ବଢ଼ାଯାଇପାରିବ, ସେ ସଂକ୍ରାନ୍ତ ଜ୍ଞାନ ଆହରଣ ପାଇଁ ତାହା ସହାୟକ ହେବ। ଏହା ଦ୍ୱାରା ଚନ୍ଦ୍ର, ମଙ୍ଗଳ ପରି ପୃଥିବୀ ବାହାରକୁ ଦୀର୍ଘମିଆଦୀ ମହାକାଶ ଯାତ୍ରା ବେଳେ ମହାକାଶଚାରୀଙ୍କୁ ସଜ ଫଳମୂଳ ଯୋଗାଇବାର ମୂଲ୍ୟବାନ ଉତ୍ସ ତତ୍କାଳ ମିଳିପାରିବ। 'ନାସା' ମହାକାଶଚାରୀମାନେ ମଧ୍ୟ ପୂର୍ବରୁ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଟମାଟୋ, ବନ୍ଧାକୋବି ଓ କଂଚାଲଙ୍କା ଆଦି ବଢ଼ାଇବା ସହ ଆଗକୁ ଆହୁରି ଅନେକ ଉଦ୍ଭିଦ ବିକଶିତ କରିବାର କାର୍ଯ୍ୟକ୍ରମ ରହିଛି। ମହାକାଶରେ ନଗଣ୍ୟ ବା ଶୂନ ମାଧ୍ୟାକର୍ଷଣ ବଳ ପରିବେଶରେ କିପରି ଏକ ସ୍ୱୟଂକ୍ରିୟ ବଗିଚା ସୃଷ୍ଟି କରିହେବ ସେ ବାବଦରେ ଏହି ଜିନିଆ ଫୁଲ ଫୁଟିବା ଘଟଣା ମହାକାଶଚାରୀଙ୍କୁ ଅଧିକ ଜ୍ଞାନ ଯୋଗାଇବ ବୋଲି 'ନାସା' କହିଛି।

# ସପୁରୀ ଜୁସ୍ ପିଅନ୍ତୁ...

**ଶ**ରୀରକୁ ସୁସ୍ଥ ରଖିବା ପାଇଁ କିଏ ବା ନ ଚାହେଁ। ଶରୀରକୁ ଉପକାର କରୁଥିବା ଜିନିଷ ମଧ୍ୟରୁ ଗୋଟିଏ ହେଉଛି ପାଇନ୍‌ଆପଲ୍ ତଥା ସପୁରୀ ଜୁସ୍। ସପୁରୀ ରସ ରୋଗ ପ୍ରତିରୋଧକ ଶକ୍ତି ଏବଂ ହଜମ ପାଇଁ ସବୁଠ ଭଲ ମେଡିସିନ। ସପୁରୀ ଜୁସ୍ ହେଉଛି ବ୍ରୋମେଲାଇନର ଏକମାତ୍ର ଖାଦ୍ୟ ଉତ୍ସ। ଖରାଦିନେ ଘଟୁଥିବା ଅନେକ ରୋଗର ଚିକିତ୍ସା ପାଇଁ ଏହି ଏନଜାଇମ୍ ବ୍ୟବହୃତ ହୁଏ। ତେବେ ଆସନ୍ତୁ ଜାଣିବା ସପୁରୀ ଜୁସ୍ ପିଇବା ଦ୍ୱାରା କଣ ମିଳିଥାଏ ଫାଇଦା। ସପୁରୀ ଜୁସ୍‌ରେ ଆଇରନ, ଭିଟାମିନ୍ ସି, ମାଙ୍ଗାନିଜ୍, କପର, ଫୋଲେଟ୍, ପୋଟାସିୟମ୍, ଭିଟାମିନ୍ କେ, ଭିଟାମିନ୍ ବି-୬, ଭିଟାମିନ୍ ବି -୧ (ଥିଏମାଇନ୍), କ୍ୟାଲସିୟମ୍, ଫସଫରସ୍, କୋଲାଇନ୍, ମ୍ୟାଗ୍ନେସିୟମ୍ ରହିଥାଏ। ସପୁରୀ ରସ ପିଇବା ଦ୍ୱାରା ବ୍ରଣ ପରି ସମସ୍ୟାରୁ ମୁକ୍ତି ମିଳେ ଓ ଉଜ୍ଜ୍ୱଳ ତ୍ୱଚା ଫେରାଏ। ବୟସ ବଢିବା ସହିତ ଚର୍ମ ସତେଜ ରୁହେ ଏବଂ କୁଂଚନ ଦେଖାଯାଏ ନାହିଁ। ଯଦି ଆପଣ ନିୟମିତ ଭାବେ ସପୁରୀ ଜୁସ୍ ? ପିଅନ୍ତି, ତେବେ ଆପଣଙ୍କ ତ୍ୱଚା ସୁସ୍ଥ ଓ କୋମଳ ରହିବ। ସପୁରୀ ଜୁସ୍‌ରେ ହଜମ ପାଇଁ ଫାଇବର ଏବଂ ଭିଟାମିନ୍-ସି ର ଏକ ସମୃଦ୍ଧ ଉତ୍ସ ଥାଏ। ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ। ଯଦି ଆପଣ ପ୍ରତିଦିନ ପିଅନ୍ତି ତାହାଲେ କୋଷ୍ଠକାଠିନ୍ୟ, ଗ୍ୟାସ୍ ଭଳି ସମସ୍ୟା ଦୂର ହୋଇଯିବ। ଯେଉଁମାନେ ପ୍ରତିଦିନ ସପୁରୀ ଜୁସ୍ ପିଉଛନ୍ତି ସେମାନଙ୍କଠାରୁ ରୋଗ ମଧ୍ୟ ଦୂରରେ ରହିଥାଏ। ସେମାନଙ୍କର ପ୍ରତିରୋଧକୁ ଶକ୍ତି ବୃଦ୍ଧି ହୁଏ। ଏହା ଅନେକ ରୋଗ ସହିତ ମଧ୍ୟ ଲଢିଥାଏ।






# ସ୍ମୃତି ଓ ବିସ୍ମୃତିର ଅନ୍ତରାଳେ ନୌବାଣିଜ୍ୟ



ମହାଭାରତୀୟ ପରମ୍ପରାରେ ଓଡ଼ିଆମାନେ ଥିଲେ ଏକ ପ୍ରାଚୀନ ସଭ୍ୟଜାତି। ଏହି ଜାତିର ବୌଦ୍ଧିକ ଓ ବୈଷୟିକ ଐଶ୍ୱର୍ଯ୍ୟ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଏକଦା ଏହି ଓଡ଼ିଆଭାଷୀ ରାଜ୍ୟର ଭୌଗୋଳିକ ସୀମା ସାଧାରଣ ଭାବରେ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ସୁବିସ୍ତୃତ ଥିଲା। ଦିଗ୍‌ବିଜୟୀ ସମ୍ରାଟମାନଙ୍କ ଶାସନ କାଳରେ ପ୍ରାଚୀନ କଳିଙ୍ଗ, ଉତ୍କଳ କିମ୍ବା କୋଶଳର ସୀମା ସାମୟିକ ପରିବର୍ତ୍ତିତ ହୋଇଥିଲା। ତଥାପି ଏହି ତିନିଗୋଟି ରାଜନୈତିକ ବିଭାଗ ବା ତ୍ରିକଳିଙ୍ଗର ଜନସାଧାରଣ ଯେ ଯଶସ୍ୱୀ ଓଡ଼ିଆ ଜାତିଥିଲେ, ଏହା ନିଃସନ୍ଦେହରେ କୁହାଯାଇପାରେ। ଏହି ଜାତି ପାଇଁ ସମୁଦ୍ର ଥିଲା ଏକ ଆହ୍ୱାନ। ସମୁଦ୍ରଯାତ୍ରା ଓ ନୌ-ବାଣିଜ୍ୟ କ୍ଷେତ୍ରରେ ପ୍ରାଚୀନ ଓଡ଼ିଶା ବା କଳିଙ୍ଗର ଭୂମିକା ଭାରତ ଇତିହାସରେ ଏକ ଗୌରବମୟ ଅଧ୍ୟାୟ। ଅତୀତରେ ଏହି କଳିଙ୍ଗ ରାଜ୍ୟର ସୁଦୀର୍ଘ ସମୁଦ୍ର ଉପକୂଳରେ ବହୁ ବନ୍ଦର ଥିଲା। ଏସବୁ ବନ୍ଦରମାନଙ୍କରୁ ସାଧବ ପୁଅମାନେ ସୁଦୂରରୁ ଅନେକ ଦୂର ଦରିଆପାରି ଦେଶମାନଙ୍କରେ ନୌ-ବାଣିଜ୍ୟ କରି ଏ ଦେଶକୁ ଧନଶାଳୀ କରିବା ସଙ୍ଗେ ସଙ୍ଗେ ଭାରତୀୟ ସଂସ୍କୃତି, ସାହିତ୍ୟ ଓ ଶିଳ୍ପ ଭାସ୍କର୍ଯ୍ୟର ପ୍ରଚାର କରିଥିଲେ।




ତେଣୁ ଆଜି ମଧ୍ୟ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଓଡ଼ିଆ କାର୍ତ୍ତିକ ପୂର୍ଣ୍ଣିମା ଅବକାଶରେ ନୌକା ଭସାଇ "ଆ କା ମା ବୈ, ପାନ ଗୁଆ ଥୋଇ/ପାନ ଗୁଆ ତୋର, ମାସକ ଧର୍ମ ମୋର" ଉଚ୍ଚାରଣ ପୂର୍ବକ ନିଜର ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ସ୍ମରଣ କରିଥାଏ। ଏହା କେଉଁ କାଳରୁ ଆମ ସାମାଜିକ ଜୀବନର ଚଳଣି ହୋଇ ରହିଆସିଛି, ତାହା ଅବଧାରଣା କରିବା ଅତ୍ୟନ୍ତ କଷ୍ଟକର। ତଥାପି ଏହାକୁ ଅତୀତ ଓଡ଼ିଆ ସାଧବପୁଅର ନୌ-ଯାତ୍ରାର ବାର୍ତ୍ତାବହ କହିଲେ ଅତ୍ୟୁକ୍ତି ହେବ ନାହିଁ। କୁହାଯାଏ କଳିଙ୍ଗ ବଣିକ କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରତ୍ୟୁଷରୁ ସ୍ନାନ କରି କଳିଙ୍ଗଜାତ ପାନର ବିନିମୟରେ ଜାଭା ପ୍ରଭୃତି ଅଞ୍ଚଳରୁ ଯେଉଁ ଗୁଆ ଆମଦାନି କରେ, ସେହି ପାନ ଓ ଗୁଆ ଶୁଦ୍ଧ ମନରେ ଗଙ୍ଗାମାତାଙ୍କୁ ସମର୍ପଣ କରି ଧର୍ମର ଦ୍ୱାହି ଦେଇ ବାଣିଜ୍ୟ ନୌକା ମେଲି ଦେଉଥିଲା ଏବଂ ନୌକାପୃଷ୍ଠରେ ଭାସି ଭାସି ତୀର ଦେଶରୁ କ୍ରମେ ଅନ୍ତର ହେବାବେଳେ ସମବେତ ଆତ୍ମୀୟସ୍ୱଜନଙ୍କୁ ବିଦାୟକାଳୀନ ଇଙ୍ଗିତବାଣୀ ଶୁଣାଉଥିଲା -ଆ କା ମା ବୈ ଅର୍ଥାତ୍ ଆଷାଢ଼ଠାରୁ କାର୍ତ୍ତିକ ମଧ୍ୟରୁ ଫେରିବି, ଭୟ କରନା ।



ଏହାର ସ୍ମାରକୀ ସଦୃଶ କାର୍ତ୍ତିକପୂର୍ଣ୍ଣିମା ଦିନ ଓଡ଼ିଶାର ଲୋକାୟତରେ ବୋଇତ ବା ନୌକା ଭସା ଅନୁଷ୍ଠିତ ହୋଇଆସୁଛି । ସମ୍ଭବତଃ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠି ଆବାଳବୃଦ୍ଧବନିତା ଧର୍ମ ପାଳନ କଲାଭଳି ନଦୀ ଓ ସମୁଦ୍ରଗୁଡ଼ିକୁ ବର୍ତ୍ତିକା ସମନ୍ୱିତ ବୋଇତ ଭସେଇ ଆଲୋକିତ କରିଥାନ୍ତି । କଦଳୀ ପାଟୁଆରେ ବୋଇତ, ପାନ ଗୁଆ, ବତୀ ଓ ଦୁର୍ବାକ୍ଷତ ଏହାର ଉପକରଣ । ବସ୍ତୁତଃ ଏହି ବୋଇତ ଭସା ନିଶ୍ଚିତଭାବେ ବନ୍ଦାପନାର ଏକ ପ୍ରତୀକ । ଘରକୁ ଧନରତ୍ନ ଧରି ଫେରୁଥିବା ସାଧବମାନଙ୍କ ସମ୍ମାନରେ ଏହା ଅନୁଷ୍ଠିତ ହୋଇଆସୁଛି । ଯାହାଫଳରେ ଆଜିବି ସାଗରପାରି ବାଣିଜ୍ୟର ମହତ୍ତ୍ୱକୁ ଓଡ଼ିଶାବାସୀ ଉପଲବ୍ଧ କରି ଆସୁଛନ୍ତି ଏବଂ ବୋଇତ ଭସାଇ ସେ ସ୍ମୃତିକୁ ଆଲୋକିତ କରି ରଖିଛନ୍ତି । ପ୍ରକୃତପକ୍ଷେ କହିବାକୁ ଗଲେ କଳିଙ୍ଗ ଅଧିବାସୀମାନଙ୍କର ନୌ-ଚାଳନା ଓ ନୌ-ବାଣିଜ୍ୟ ପରମ୍ପରା ଭାରତର ଗୌରବାବହ ଇତିହାସର ଏକ ସମୃଦ୍ଧ ଅଧ୍ୟାୟ। ଭାରତୀୟ ସଂସ୍କୃତିର ପରିପ୍ରସାର ସଙ୍ଗେ ସଙ୍ଗେ ଭାରତ ଓ ଦକ୍ଷିଣ-ପୂର୍ବ ଏସିଆ ମଧ୍ୟରେ ବାଣିଜ୍ୟିକ ସୁସମ୍ପର୍କ ବୃଦ୍ଧି କରିବା ଥିଲା କଳିଙ୍ଗ ନାବିକ ଓ ସାଧବମାନଙ୍କର ବିଶିଷ୍ଟ ଅବଦାନ।

ବସ୍ତୁତଃ କହିବାକୁ ଗଲେ ଓଡ଼ିଶାରେ ନୌ-ବାଣିଜ୍ୟର ପ୍ରସାର ପ୍ରାଗୈତିହାସିକ ଯୁଗରୁ ଆରମ୍ଭ କରି ଶୈଳୋଦ୍ଭବ ରାଜତ୍ୱ ପର୍ଯ୍ୟନ୍ତ ବିଶେଷ ଭାବରେ ରହିଆସିଥିଲା। ଏପରିକି ଭୌମକର ବଂଶର ରାଜାମାନେ ମଧ୍ୟ ଏଥିରେ ପୃଷ୍ଠପୋଷକତା କରିଥିଲେ। ଏହାସହ ସୋମବଂଶୀ ରାଜାମାନେ ଏ ଦିଗରେ ବିଶେଷ ଯତ୍ନବାନ ହୋଇନଥିଲେ ହେଁ ଏହି ପରମ୍ପରା ଅକ୍ଷୁଣ୍ଣ ରହିଥିଲା। ପରନ୍ତୁ ଗଙ୍ଗରାଜାମାନେ ଭୂଭାଗରେ ନିଜ ସାମ୍ରାଜ୍ୟର ସୀମାବିସ୍ତାର କରିବାକୁ ଯତ୍ନବାନ ହୋଇଥିବାରୁ ଓଡ଼ିଶାର ନୌ-ବାଣିଜ୍ୟ ପ୍ରତି ଆଦୌ ଦୃଷ୍ଟି ଦେଇନଥିଲେ। ତେଣୁ ଆମର ନୌ-ବାଣିଜ୍ୟ ଚୋଳ ରାଜାମାନଙ୍କର ଅଧିକାରକୁ ଆସି ଯାଇଥିଲା। କିନ୍ତୁ ଏ ପରିପ୍ରେକ୍ଷୀରେ କହିରଖେ, ଖ୍ରୀଷ୍ଟପୂର୍ବ ୨୬୧ରେ ଇତିହାସପ୍ରସିଦ୍ଧ ମଗଧ ସମ୍ରାଟ ଅଶୋକଙ୍କର କଳିଙ୍ଗଯୁଦ୍ଧ ହୋଇଥିଲା। ତଥାପି ଏହି ଘଟଣାର ବହୁପୂର୍ବରୁ ବହିର୍ବାଣିଜ୍ୟ ତଥା ଅନ୍ତର୍ବାଣିଜ୍ୟରେ କଳିଙ୍ଗବାସୀ ଭାରତବର୍ଷରେ ବେଶ୍ ପ୍ରତିଷ୍ଠିତ ହୋଇସାରିଥିଲେ। କଳିଙ୍ଗର ସୁଦୀର୍ଘ ସମୁଦ୍ର ଉପକୂଳ ଓ ସୁଗଭୀର ନଦୀଗୁଡ଼ିକ ଏ କ୍ଷେତ୍ରରେ ବିଶେଷ ସହାୟକ ହୋଇଥିବା ବୋଲି ସ୍ୱୀକାର୍ଯ୍ୟ। ତେଣୁ ବୋଧହୁଏ ନୌ-ବାଣିଜ୍ୟର ସୁବିଧା ହାସଲ ପାଇଁ ମଗଧସମ୍ରାଟ କଳିଙ୍ଗ ଆକ୍ରମଣ କରିଥାଇପାରନ୍ତି। ଏପରିକି ଅଶୋକଙ୍କ ବହୁପୂର୍ବରୁ କଳିଙ୍ଗର ଅଧିବାସୀ ବ୍ରହ୍ମଦେଶର ପେରୁ ଅଞ୍ଚଳରେ ଉପନିବେଶ ସ୍ଥାପନ କରିସାରିଥିଲେ। ଏହାସହ ଚୀନ ପରିବ୍ରାଜକ ମେଘାସ୍ଥିନିସ୍ କହନ୍ତି-ଚୀନ ଦେଶ ସହିତ ବହୁ ପ୍ରାଚୀନ କାଳରୁ କଳିଙ୍ଗର ବାଣିଜ୍ୟ ବ୍ୟବସାୟ ଚାଲିଆସିଥିଲା। ଚୀନ ଲୋକମାନେ ବାଣିଜ୍ୟ କରୁଥିବା ଭାରତୀୟମାନଙ୍କୁ କୁନ୍-ଲୋକ ବୋଲି କହୁଥିଲେ। ଯାହା କଳିଙ୍ଗ ଶବ୍ଦର ନାମାନ୍ତର ମାତ୍ର। ସେ କହିବା ପ୍ରକାରେ ସିଂହଳ ଓ କଳିଙ୍ଗ ମଧ୍ୟରେ ହାତୀର ବାଣିଜ୍ୟ ପ୍ରଚଳନ ଥିଲା। ଗ୍ରୀକ୍ ଐତିହାସିକମାନଙ୍କ ମତରେ-ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ଭାରତର ପୂର୍ବ ଉପକୂଳରେ ବହୁ ଉନ୍ନତଧରଣର ବନ୍ଦର ବିକାଶ ଲାଭ କରିଥିଲା। ସେଗୁଡ଼ିକ ହେଲା- କାଳିଚି (କୋରକେଇ), କାମରା (କାବେରୀ ପର୍ତ୍ତନମ୍), ପୋଡୁଚୁ (ପଣ୍ଡିଚେରୀ), ସପତମା (ମସୁଲିପଟ୍ଟମ୍), କଣ୍ଟକ ଶିଲାଇ (ଘଣ୍ଟଶିଳା), ପିଟୁଣ୍ଡ (ପିଥୁଣ୍ଡ), ପଲୌର (ପାଲୁର-ଦନ୍ତପୁର), ଗଙ୍ଗେ (ଗୋପାଳପୁର) ଓ ତାମଲିପି (ତାମ୍ରଲିପି)। ପ୍ରଥମ ତିନୋଟିକୁ ବାଦ୍‌ଦେଲେ ଅନ୍ୟ ସମସ୍ତ ବନ୍ଦର କଳିଙ୍ଗ ଉପକୂଳରେ ଅବସ୍ଥିତ ଥିଲା ଓ ସେଗୁଡ଼ିକ ମଧ୍ୟରେ ପାଲୁର ଥିଲା ସର୍ବବୃହତ୍। ଏପରିକି ଭୌଗୋଳିକ ଟୋଲେମୀ ପାଲୁର ବନ୍ଦରକୁ ସେକାଳର ସମୁଦ୍ରଗାମୀ ନୌକାଗୁଡ଼ିକର ଏକ ବିଶିଷ୍ଟ କେନ୍ଦ୍ର ରୂପେ ବର୍ଣ୍ଣନା କରିଛନ୍ତି। ଏହି ବିବରଣୀରୁ ସ୍ପଷ୍ଟ ଅନୁମେୟ ଯେ, ସେ କାଳରେ ପାଲୁରଠାରୁ ସମୁଦ୍ର ଭିତରକୁ ପ୍ରବେଶ କରିବା ସମ୍ଭବପର ହେଉଥିଲା ଓ ସମୁଦ୍ର ମଧ୍ୟ ଦେଇ ବ୍ରହ୍ମଦେଶ, ଶ୍ୟାମ (ଥାଇଲାଣ୍ଡ), ତାମ୍ରପର୍ଣ୍ଣୀ (ସିଂହଳ), ସୁବର୍ଣ୍ଣଦ୍ୱୀପ (ଜାଭା), କମ୍ବୋଜ, ଚମ୍ପା (ଆଧୁନିକ ଭିଏତ୍‌ନାମର ଅଞ୍ଚଳ) ଦେଶମାନଙ୍କ ସହ ସମ୍ପର୍କ ପ୍ରତିଷ୍ଠା କରିବାରେ କଳିଙ୍ଗର ନାବିକ ଓ ବଣିକମାନେ କୃତିତ୍ୱ ଅର୍ଜନ କରିଥିଲେ। ଯାହାଫଳରେ କଳିଙ୍ଗର ଅର୍ଥନୈତିକ ବିକାଶ ସଙ୍ଗେ ସଙ୍ଗେ ଧର୍ମ ଓ ସଂସ୍କୃତିର ପ୍ରସାର ମଧ୍ୟ ହୋଇପାରିଥିଲା।

ଏପରିକି ବୌଦ୍ଧଧର୍ମର ଅଭ୍ୟୁଦୟ କାଳରେ ତାମ୍ରଲିପ୍ତି, ଚେଳିତାଲୋ ପ୍ରଭୃତି ପ୍ରସିଦ୍ଧ ବନ୍ଦର ଥିବାର ଜଣାଯାଏ। ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରେ କଳିଙ୍ଗରାଜ ଗୁହଶିବଙ୍କ ଦୁହିତା ହେମମାଳା ଓ ଜାମାତା ଦନ୍ତକୁମାର କଳିଙ୍ଗରେ ପୂଜିତ ବୁଦ୍ଧଦେବଙ୍କ ଦନ୍ତକୁ ନେଇ ସିଂହଳରେ ପହଞ୍ଚିଥିଲେ। ଚୀନ ଦେଶ ସହ କଳିଙ୍ଗର ନୌ-ସମ୍ପର୍କ ଅତିଶୟ ପ୍ରାଚୀନ। ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ ଚୀନ ପରିବ୍ରାଜକ ଫାହିୟାନ କଳିଙ୍ଗର ତାମ୍ରଲିପ୍ତି ବନ୍ଦରରୁ ସିଂହଳ ଯାଇ ସେଠାରୁ କଳିଙ୍ଗ ଜାହାଜରେ ଜାଭା ବାଟ ଦେଇ ସ୍ୱଦେଶକୁ ଫେରିଥିଲେ। ସେହିପରି ସପ୍ତମ ଶତାବ୍ଦୀରେ ହୁଏନ୍‌ସାଂ ଓଡ଼ିଶା ଭ୍ରମଣରେ ଆସିଥିବା ସମୟରେ ପ୍ରତ୍ୟକ୍ଷଦର୍ଶୀ ଭାବରେ ଚେଳିତାଲୋ ବିଷୟ ବର୍ଣ୍ଣନା କରିଅଛନ୍ତି। ଏହାସହ ନବମ ଓ ଦଶମ ଶତାବ୍ଦୀ ବେଳକୁ ବଙ୍ଗୋପସାଗରରେ ଆରବ ନାବିକ ଓ ବଣିକମାନଙ୍କର ଆବିର୍ଭାବ ହେଲା। ସେମାନେ ଓଡ଼ିଶାକୁ ଉରସିନ ବା ରସଫିନ୍ ନାମରେ ଉଲ୍ଲେଖ କରିବା ସହିତ ସମୁଦ୍ର ସଙ୍ଗେ ସମ୍ପୃକ୍ତ କରିଅଛନ୍ତି।

ପ୍ରକୃତପକ୍ଷେ କହିବାକୁ ଗଲେ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ଅତି ପୁରାତନ। ଏହାର ଉପକୂଳ ସୁଦୀର୍ଘ ଅଟେ। ଏହାସହ ଏଠାରେ ଅବସ୍ଥିତ ବହୁତଗୁଡ଼ିଏ ବନ୍ଦର ଆନ୍ତର୍ବାଣିଜ୍ୟ ଓ ବହିର୍ବାଣିଜ୍ୟ ପାଇଁ ସୁପ୍ରସିଦ୍ଧ। ସମୁଦ୍ର ପଥରେ ଦୂରଦେଶକୁ ଯାଇ ବଣିକମାନେ ବହୁତ ଧନ ସମ୍ପତ୍ତିରେ ଏ ଦେଶକୁ ଧନୀ ଓ ସମୃଦ୍ଧିଶାଳୀ କରିଥିଲେ। ପଞ୍ଚଦଶ ଶତାବ୍ଦୀ ବେଳକୁ ଓଡ଼ିଶାର ବନ୍ଦରମାନଙ୍କରୁ ମାଲକ୍‌କାକୁ ବସ୍ତ୍ରାଦି ଦ୍ରବ୍ୟମାନ ରପ୍ତାନୀ ହେଉଥିଲା। ଷୋଡ଼ଶ ଶତାବ୍ଦୀ ବେଳକୁ ବାଣିଜ୍ୟ କାରବାର ମଧ୍ୟ ପ୍ରାଚ୍ୟ ଦେଶର ଲୋହିତସାଗର ଉପକୂଳସ୍ଥ ଆଡେନ ଓ ଜେଡ଼ାବନ୍ଦର ବ୍ୟତୀତ ବନ୍ତାମ୍, ପେଗୁ, ଟେନାସରିମ ଓ ଆଚିନ ଆଦି ବନ୍ଦର ସହିତ ସମ୍ପର୍କ ସ୍ଥାପନ କରିପାରିଥିଲା। ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ଇଉରୋପୀୟ ବଣିକମାନେ ଓଡ଼ିଶା ଉପକୂଳ ସହିତ ପରିଚିତ ହେଲେ ଏବଂ ପରେ ପରେ ବାଣିଜ୍ୟ କାରବାରରେ ଲିପ୍ତ ରହିଲେ। ପର୍ତ୍ତୁଗୀଜ, ଓଲନ୍ଦାଜ, ଦୀନାମାର ଓ ଫରାସୀ ବଣିକ କମ୍ପାନୀଙ୍କର ବାଣିଜ୍ୟିକ ସଂସ୍ଥାମାନ ଓଡ଼ିଶା ଉପକୂଳରେ ଗଢ଼ିଉଠିଥିଲା। କିନ୍ତୁ ସପ୍ତଦଶ ଶତାବ୍ଦୀରେ ଭାରତୀୟ ବଣିକମାନେ ଇଂରେଜ କମ୍ପାନୀର ସୁରକ୍ଷା ବଳୟ ମଧ୍ୟରେ ରହିଥିଲେ।

ମୋଟ ଉପରେ କହିବାକୁ ଗଲେ ବାଣିଜ୍ୟ ସୂତ୍ରରେ କଳିଙ୍ଗ ଭୂମି ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭୂଖଣ୍ଡ ସହିତ ବହୁକାଳ ପର୍ଯ୍ୟନ୍ତ ନିବିଡ଼ ଭାବରେ ସମ୍ପୃକ୍ତ ରହିଥିଲା। କିନ୍ତୁ ଏହି ନୌବାଣିଜ୍ୟର ଐତିହ୍ୟ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ କୌଣସି ପ୍ରକାରେ ତିଷ୍ଠି ରହିଥିଲା। ଇଂରେଜମାନେ ଓଡ଼ିଶା ଅଧିକାର କଲାପରେ ବହୁ ବନ୍ଦର ଲୁପ୍ତପ୍ରାୟ ହୋଇଯାଇଥିଲା। ଯେଉଁ କେତେକ ନାମକୁ ମାତ୍ର ଥିଲା, ସେଗୁଡ଼ିକ ଇଂରେଜ ସରକାରଙ୍କର ସମ୍ପୂର୍ଣ୍ଣ ଅକ୍ତିଆରରେ ରହି କେବଳ ସରକାରୀ କାର୍ଯ୍ୟରେ ନିୟୋଜିତ ହେଉଥିଲା। ଫଳତଃ ପ୍ରାଚୀନ ପ୍ରଧାନ ବନ୍ଦରଗୁଡ଼ିକ ବିସ୍ମୃତି ଗର୍ଭରେ ଲୀନ ହୋଇଗଲା।



ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ, ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟ କାରବାର ଅତି ପୁରାତନ। ଏହାର ଉପକୂଳ ସୁଦୀର୍ଘ ଅଟେ ଏବଂ ଏଠାରେ ଅବସ୍ଥିତ ବହୁତ ବନ୍ଦର ଆନ୍ତର୍ବାଣିଜ୍ୟ ତଥା ବହିର୍ବାଣିଜ୍ୟ ପାଇଁ ସୁପ୍ରସିଦ୍ଧ। ଏସବୁ ସତ୍ତ୍ୱେ ନୌ-ବାଣିଜ୍ୟର ସେ ପୁରାତନ ପରମ୍ପରା ଆଉ ନାହିଁ। ତଥାପି ଓଡ଼ିଶାର ଜନସାଧାରଣ 'ଆ-କା-ମା-ବୈ' ଉଚ୍ଚାରଣ ସହ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବଟିକୁ ସେହି ପରମ୍ପରାର ଏକ ଚିରନ୍ତନ ସ୍ମୃତି ରୂପେ ଅଦ୍ୟାପି ବହନ କରି ଆସୁଛନ୍ତି।

**ଡକ୍ଟର ମନୋରଞ୍ଜନ ବିଷୋୟୀ,** ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମ୍ପର୍କ-୮୮୯୫୧୪୧୭୨୭

# ଆଧ୍ୟାତ୍ମିକ ଆଲୋଚନାରେ ତୁଳସୀ ବିବାହ

ପ୍ରାଚୀନ କାଳରେ ଶଙ୍ଖଚୂଡ଼ ନାମରେ ଏକ ଅତ୍ୟାଚାରୀ ଦୈତ୍ୟ ଥିଲା। ତା'ର ପତ୍ନୀର ନାମ ଥିଲା ବୃନ୍ଦା। ବୃନ୍ଦା ଥିଲା ଜଣେ ପତିବ୍ରତା ମହିଳା। ଏହି କାରଣରୁ ଶଙ୍ଖଚୂଡ଼ର ପରାକ୍ରମ ଏବଂ ତେଜ ଅଧିକ ବଳଶାଳୀ ଥିଲା। ଏହିପରି ଶଙ୍ଖଚୂଡ଼ ଦେବ, ମାନବ ଉପରେ ଅତ୍ୟାଚାର ଚଳାଇଲା। ସମସ୍ତଙ୍କୁ ଯୁଦ୍ଧରେ ଜିତିନେଲା। ଦେବରାଜ ଇନ୍ଦ୍ରଙ୍କୁ ସ୍ୱର୍ଗ ଛାଡ଼ିବାକୁ ପଡ଼ିଲା। ଶଙ୍ଖଚୂଡ଼ର ଅତ୍ୟାଚାରରେ ଅତିଷ୍ଠ ହୋଇ ସମସ୍ତ ଦେବଗଣ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ। ଶଙ୍ଖଚୂଡ଼ର ଅତ୍ୟାଚାରରୁ ମୁକ୍ତି ପାଇଁ ଗୁହାରି କଲେ। ଦେବଗଣ ଶ୍ରୀହରିଙ୍କୁ କହିଲେ ଯେ ଶଙ୍ଖଚୂଡ଼ର ପତ୍ନୀ ବୃନ୍ଦା ଜଣେ ପତିବ୍ରତା ନାରୀ, ତାର ସତୀତ୍ୱ ନଷ୍ଟ କରିଦେଲେ ଶଙ୍ଖଚୂଡ଼ର ପରାକ୍ରମୀ ତେଜ ନଷ୍ଟ ହୋଇଯିବ। ଫଳରେ ତାକୁ ହରାଇବା ସହଜସାଧ୍ୟ ହୋଇପଡ଼ିବ। ଶେଷରେ ଶ୍ରୀହରି ବିଷ୍ଣୁ ଶଙ୍ଖଚୂଡ଼ ବେଶ ଧାରଣ କରି ବୃନ୍ଦା ନିକଟକୁ ଗଲେ। ବୃନ୍ଦା ଭଗବାନ ବିଷ୍ଣୁଙ୍କ ମାୟା ଜାଣିପାରିଲା ନାହିଁ। ଭଗବାନ ବିଷ୍ଣୁଙ୍କୁ ସେ ନିଜ ପତି ବୋଲି ଭାବିଲା। ଫଳରେ ତାର ସତୀତ୍ୱ ନଷ୍ଟ ହୋଇଗଲା। ଅନ୍ୟପଟେ ଯୁଦ୍ଧଭୂମିରେ ଦେବତାଙ୍କ ସହିତ ଲଢୁଥିବା ପରାକ୍ରମୀ ଶଙ୍ଖଚୂଡ଼ର ତେଜ ନଷ୍ଟ ହୋଇଯିବା ଫଳରେ ସେ ଯୁଦ୍ଧଭୂମିରେ ମୃତ୍ୟୁବରଣ କଲା। ଏହି ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ବୃନ୍ଦା ଦୁଃଖରେ ଭାଙ୍ଗିପଡ଼ିଲା। ସେ ଶ୍ରୀହରିଙ୍କୁ ଅଭିଶାପ ଦେଇ କହିଲା ଯେ ମୋ ସହିତ ଛଳ କରିଥିବାରୁ ତୁମକୁ ମୃତ୍ୟୁଲୋକରେ ଜନ୍ମ ନେବାକୁ ପଡିବ ଏବଂ ପତ୍ନୀବିୟୋଗ ସହିବାକୁ ହେବ। ଏହା କହି ବୃନ୍ଦା ନିଜ ପତିଙ୍କ ସହିତ ସତୀ ହୋଇଗଲା।



ଯେଉଁ ସ୍ଥାନରେ ବୃନ୍ଦା ସତୀ ହୋଇଗଲା ସେଠାରେ ଏକ ତୁଳସୀ ବୃକ୍ଷ ଉଠିଲା। ସେବେଠାରୁ ବୃନ୍ଦା ତୁଳସୀ ନାମରେ ପୂଜା ପାଇବାକୁ ଲାଗିଲେ। ଅନ୍ୟ ଏକ ପୌରାଣିକ ଆଖ୍ୟାନ ଅନୁଯାୟୀ, ଶ୍ରୀହରିଙ୍କୁ ପଥର ହୋଇଯିବା ଲାଗି ବୃନ୍ଦା ଅଭିଶାପ ଦେଇଥିଲା। ଅନ୍ୟପଟେ ବୃନ୍ଦାକୁ ତୁଳସୀ ବୃକ୍ଷରେ ପରିଣତ ହୋଇ ପୂଜା ପାଇବା ଲାଗି ଶ୍ରୀହରି ବରଦାନ ଦେଇଥିଲେ। ଯେଉଁ ମଣିଷ ଶ୍ରୀବିଷ୍ଣୁଙ୍କ ସହିତ ତୁଳସୀ ବିବାହ ପୂଜା କରାଇବ ସେ ମୃତ୍ୟୁ ପରେ ପରମଧାମ ପ୍ରାପ୍ତ କରିବ ବୋଲି ଶ୍ରୀବିଷ୍ଣୁ ବରଦାନ ଦେଇଥିଲେ। ତେଣୁ ପ୍ରତ୍ୟେକ ବର୍ଷ କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ତୁଳସୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ।

କାର୍ତ୍ତିକ ଶୁକ୍ଳ ପକ୍ଷ ଏକାଦଶୀରେ ଭାରତର ଅଧିକାଂଶ ଅଞ୍ଚଳରେ ତୁଳସୀ ବିବାହ ପାଳିତ ହୁଏ। ହିନ୍ଦୁ ପୁରାଣ ଅନୁଯାୟୀ ତୁଳସୀ ହେଉଛନ୍ତି ବିଷ୍ଣୁପ୍ରିୟା। ତୁଳସୀ ପତ୍ର ବିନା ବିଷ୍ଣୁ ପୂଜନ ସଂପୂର୍ଣ୍ଣ ହୁଏନାହିଁ। ହିନ୍ଦୁଧର୍ମ ଅନୁଯାୟୀ ଦୁହେଁ ପତି-ପତ୍ନୀ। ଏହି ଦିନରେ ସାଧାରଣତଃ ବିଷ୍ଣୁ ପ୍ରତିମା ବା ଶାଳଗ୍ରାମ ସହ ତୁଳସୀ ପତ୍ର ମଧ୍ୟରେ ବୈଦିକ ରୀତିରେ ବିବାହ ଅନୁଷ୍ଠିତ ହୁଏ। କିମ୍ବଦନ୍ତୀ ଅନୁଯାୟୀ ଜଳନ୍ଧର ରାକ୍ଷସର ପତ୍ନୀ ବୃନ୍ଦା ଥିଲେ ଅତ୍ୟନ୍ତ ପତିବ୍ରତା। ତେଣୁ କେହି ଜଳନ୍ଧରକୁ ପରାଜିତ କରିପାରୁ ନଥିଲେ। ଦେବଗଣ ବାରମ୍ବାର ପରାଜିତ ହୋଇ ଭଗବାନ ବିଷ୍ଣୁଙ୍କ ଶରଣ ପଶିଲେ। ବୃନ୍ଦାଙ୍କ ପତିବ୍ରତା ଧର୍ମ ନ ଭାଙ୍ଗିଲେ ଏହା ସମ୍ଭବ ନଥିଲା। ଏହି କାମଟିକୁ ବିଷ୍ଣୁ ତୁଲାଇଲେ ଏବଂ ପରିଣାମସ୍ୱରୂପ ରଣାଙ୍ଗନରେ ଜଳନ୍ଧର ନିହତ ହେଲା। ବୃନ୍ଦା ଏହା ଜାଣିବା ପରେ ମୃତ୍ୟୁଲୋକରେ ଜନ୍ମ ହେବା ପାଇଁ ଭଗବାନଙ୍କୁ ଅଭିଶାପ ଦେବା ସହ ଅଗ୍ନିରେ ନିଜକୁ ଝାସ ଦେଇ ସତୀ ହୋଇଥିଲେ। ସେହି ସ୍ଥାନରେ ଜନ୍ମ ହୋଇଥିଲା ତୁଳସୀ ଗଛ। ଅନ୍ୟ ଏକ କିମ୍ବଦନ୍ତୀ ଅନୁଯାୟୀ କଳାପଥର ପାଲଟିବାକୁ ସେ ଶାପ ଦେଇଥିଲେ। ଆଉ ପଥର ସହ ତାଙ୍କର ବିବାହ କରାଇବା ପାଇଁ ଭଗବାନ ବର ଦେଇଥିଲେ। ଯେଉଁ ମଣିଷ ତୁଳସୀ ସହ ଶାଳଗ୍ରାମର ବିବାହ କରାଇବେ, ତାଙ୍କୁ ପରମ ଧାମ ପ୍ରାପ୍ତି ହେବ। ଏହା ବିଷ୍ଣୁ ଓ ମହାଲକ୍ଷ୍ମୀଙ୍କ ମଧ୍ୟରେ ପ୍ରତୀକାତ୍ମକ ବିବାହ।

—**ଶ୍ୟାମସୁନ୍ଦର ସାମଲ,** ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୬୩୫୯୨୬/୮୨୮୦୯୬୩୨୮୩

# ଭାରତ ଯୋଡ଼- ଓଡ଼ିଶା ପରିବର୍ତ୍ତନ ଯାତ୍ରା



ଭୁବନେଶ୍ୱର ପିଏନ୍)-ଗତକାଲି ସକାଳ ଓଡ଼ିଶା ପରିବର୍ତ୍ତନ ଯାତ୍ରାର ଦ୍ୱିତୀୟ ଦିନରେ ଫୁଲନଖରା ସ୍ଥିତ ଲଖେଶ୍ୱର ମନ୍ଦିର ଠାରୁ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଆରମ୍ଭ ହେଲା। କଟକ ଜିଲ୍ଲା ସୀମାରେ ନଖରାଛକ ପୂର୍ବରୁ କଟକ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ମାନସ ଚୌଧୁରୀ ଏବଂ କଟକ ନଗର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ସୁରେଶ କୁମାର ମହାପାତ୍ର ଶ୍ରୀ ପଟ୍ଟନାୟକଙ୍କୁ ସ୍ୱାଗତ କରିବା ସହିତ ପଦଯାତ୍ରୀଙ୍କ ସହିତ ଯୋଡ଼ି ହୋଇ ପଦଯାତ୍ରା କରିଥିଲେ। ହଜାର ହଜାର କଂଗ୍ରେସ ନେତୃବର୍ଗ, କର୍ମୀ ଓ ସାଧାରଣ ଜନତା ଏହି ଭାରତ ଯୋଡ଼ ପରିବର୍ତ୍ତନ ଯାତ୍ରାରେ ସାମିଲ ହୋଇଥିଲେ। ପିର ବଜାର ସ୍ଥିତ ଦରଘାରେ ଚାଦର ଚଢ଼ାଇ ଏବଂ ନିକଟସ୍ଥ ହନୁମାନ ମନ୍ଦିରରେ ଶ୍ରୀ ପଟ୍ଟନାୟକ ଓ ଅନ୍ୟ ବରିଷ୍ଠ ନେତୃବର୍ଗ ପୂଜାର୍ଚ୍ଚନା ଓ ପ୍ରାର୍ଥନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଯାତ୍ରା ଯେତେ ଆଗକୁ ଆଗକୁ ଯାଉଥିଲା ଜନସମାଗମ ସେମିତି ବଢ଼ି ବଢ଼ି ଚାଲିଥିଲା। ତେଲଙ୍ଗାପେଣ୍ଠ ଓ ପ୍ରତାପନଗରୀ ଠାରେ ଶ୍ରୀ ପଟ୍ଟନାୟକଙ୍କୁ ସାଧାରଣ ଜନତା ତଥା କଟକ ଜିଲ୍ଲା କଂଗ୍ରେସ ନେତୃବୃନ୍ଦ ସ୍ୱାଗତ କରିବା ସହିତ ପଦଯାତ୍ରାରେ ଯୋଗଦେଇଥିଲେ। ପ୍ରଥମାର୍ଦ୍ଧରେ ଏହି ପଦଯାତ୍ରା ୧୨ କି.ମି. ଅତିକ୍ରମ କରି କଟକ ଗୋପାଳପୁର ଠାରେ ମଧ୍ୟାହ୍ନ ଭୋଜନ ପାଇଁ ବିରତି ନେଇଥିଲେ। ଅପରାହ୍ନରେ ପଦଯାତ୍ରା ଆରମ୍ଭ ହୋଇ ଏହା ଜଗତପୁର ଛକଠାରେ ପଂହଚିବା ପରେ ଦ୍ୱିତୀୟ ଦିନର ଯାତ୍ରା ଶେଷହେଲା। ରାସ୍ତାରେ ଶ୍ରୀ ପଟ୍ଟନାୟକ ସଂଖ୍ୟାଲଘୁ ସଂପ୍ରଦାୟର ବହୁ ନେତୃବର୍ଗ, ଆଇନଜୀବୀ, କୃଷକ, ଶ୍ରମିକ ଓ ସାମାଜିକ କର୍ମୀମାନଙ୍କୁ ଭେଟି ଆଲୋଚନା କରିଥିଲେ। ଶ୍ରୀ ପଟ୍ଟନାୟକ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତର ଦେଇ କହିଥିଲେ ଯେ ଭାରତ ଯୋଡ଼ ପରିବର୍ତ୍ତନ ଯାତ୍ରାର ମୂଳ ଉଦ୍ଦେଶ୍ୟ ଓଡ଼ିଶାର ଦୀର୍ଘ ୨୨ ବର୍ଷ ଓ କେନ୍ଦ୍ରର ୮ବର୍ଷର ଏକ କଳଙ୍କିତ, ଦୁର୍ନୀତିଖୋର, ଭ୍ରଷ୍ଟାଚାରୀ, ଗଣତନ୍ତ୍ର ଓ ସମ୍ବିଧାନ ବିରୋଧି ସରକାର ବିରୁଦ୍ଧରେ ଜନସଚେତନତା କରିବା। ଏ ରାଜ୍ୟର ଯୁବକ ଆଜି ଦିଶାହୀନ। କୃଷକ, ଶ୍ରମିକ, ସ୍ୱଳ୍ପଆୟକାରୀ ବର୍ଗ, ମଧ୍ୟବିତ ଆୟକାରୀ ବର୍ଗ ଉପେକ୍ଷିତ ଓ ଅତ୍ୟାଚାରିତ। ମହିଳାମାନେ ଆଜି ଅସୁରକ୍ଷିତ୍ର। ହଜାର ହଜାର ସଂଖ୍ୟାର ଲୋକ ଆଜି ଦାଦନ ଖଟିବାକୁ ଯାଉଛନ୍ତି। ୨୨ ବର୍ଷରେ ଗୋଟିଏ ବି କୃଷିଭିର୍ତ୍ତିକ ଶିଳ୍ପ ହୋଇପାରିଲା ନାହିଁ। କେବଳ ଗଣମାଧ୍ୟମରେ ବଂଚିବା ପାଇଁ ଶହ ଶହ ଏମଓୟୁ ଦସ୍ତଖତ କରାଯାଉଛି କିନ୍ତୁ ଆଜି ପର୍ଯ୍ୟନ୍ତ ଗୋଟିଏ ବି ଫଳବତୀ ହେଲା ନାହିଁ। କୃଷକର ଆୟ ଦ୍ୱିଗୁଣିତ କରିବାପାଇଁ ୨୦୧୨ ସୁଦ୍ଧା ପ୍ରତିଶ୍ରୁତି ପୂରଣ ହେଲା ନାହିଁ ସତ ୨୦୨୨ ବେଳକୁ ଆମ ରାଜ୍ୟର କୃଷକର ଆୟ ସାରା ଭାରତବର୍ଷର ସର୍ବନିମ୍ନ ହେଲା ଏହା ହେଉଛି କୃଷକମାନଙ୍କ ପ୍ରତି ନିଷ୍ଠା ଓ ଦାୟିତ୍ୱ। ବାସହୀନଙ୍କୁ ଗୃହଉପଯୋଗୀ ଜମି ଓ ବାସହରାଙ୍କ ମୁଣ୍ଡ ଗୁଂଜିବା ପାଇଁ ସମସ୍ତଙ୍କୁ ୨୦୨୨ ସୁଦ୍ଧା ସମସ୍ତଙ୍କୁ ପକ୍କାଘର ଯୋଗାଇ ଦିଆଯାଇଥିଲେ ମଧ୍ୟ ଆଜିବି ଲକ୍ଷ ଲକ୍ଷ ଲୋକଙ୍କ ମୁଣ୍ଡ ଉପରେ ଛାତ ଘର ନାହିଁ। ସବୁ ପ୍ରତିଶ୍ରୁତିଗୁଡ଼ିକ କେବଳ ପ୍ରତିଶ୍ରୁତିରେ ରହିଯାଉଛି। ମାଳ ମାଳ ଯୋଜାନ କିନ୍ତୁ ଫଳ କିଛି ନାହିଁ। ଖାଉଟି ମୁଦ୍ରାସ୍ଫୀତି ଆଜି ୭.୪୧ରେ ପଂହଚିଲାଣି। ମହଙ୍ଗାମାଡ଼ରେ ଓଡ଼ିଶା ଲୋକଙ୍କ ଅଂଟା ଭାଙ୍ଗିଗଲାଣି। ବିଶ୍ୱ କ୍ଷୁଧା ସୂଚକାଙ୍କ ତାଲିକା ଅନୁସାରେ ଭାରତର ସ୍ଥାନ ଆଜି ୧୦୭, ୧୨୨ ରାଷ୍ଟ୍ର ମଧ୍ୟରୁ। ବେରୋଜଗାର ୪୫ ବର୍ଷର ରେକର୍ଡକୁ ଅତିକ୍ରମ କରିସାରିଛି। ଭାରତୀୟ ଟଙ୍କାର ବିନିମୟ ମୂଲ୍ୟ ଆମେରିକୀୟ ଡଲାର ତୁଳନରେ ଆଜି ୮୨.୭୯ ପଇସାରେ ପଂହଚିଲାଣି। ତଥାପି ନରେନ୍ଦ୍ର ମୋଦି ବିଶ୍ୱଗୁରୁ ବୋଲି ବୋଲାଉଛନ୍ତି। ଏହି ଦୀର୍ଘ ୮ବର୍ଷ ଧରି ଆତ୍ମପ୍ରଚାର ଓ ଭାରତକୁ ହିଂସା, ଦ୍ୱେଷ, ଘୃଣା, ସାଂପ୍ରଦାୟିକତା ସୃଷ୍ଟି କରି ଭାରତକୁ ଭାଗ ଭାଗ କରିବା ଛଡ଼ା ଅନ୍ୟ କିଛି କରାଯାଇନାହିଁ। କଂଗ୍ରେସ ଏ ଦେଶର ମୂଳ ଓ ଜନସାଧାରଣଙ୍କର ବଳ।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବା ଜେନା, ସନ୍ତୋଷ ସିଂ ସାଲୁଜା, ଭୂଜବଳ ମାଝୀ, ରବି ମଲ୍ଲିକ, ବିଜୟଲକ୍ଷ୍ମୀ ସାହୁ, ଦେବାଶିଷ ପଟ୍ଟନାୟକ, ବନ୍ଦିତା ପରିଡ଼ା, ସ୍ମୃତିରଂଜନ ଲେଙ୍କା, ୟାସିର ନୱାଜ, ନକୁଳ ନାୟକ, ବିଭୁତି ମିଶ୍ର, ବିଶ୍ୱଜିତ ଦାଶ, କିଶୋର ଜେନା, ବାଙ୍କନିଧି ବେହେରା, ସନତ ଦାସ, ସଂଜୟ ତ୍ରିପାଠୀ, ବିସ୍ମୟ ମହାପାତ୍ର, ଆଲୋକ ଲେଙ୍କା, ଅନିଲ ବେଉରା, ପ୍ରକାଶ ମିଶ୍ର, ରଜନୀ ମହାନ୍ତି, କାବୁ ମହାନ୍ତି, ଆକୁଉବ ଖାନ, ଦେବ ମହାନ୍ତି, ବିନୁ ପାଣି, ବିଶ୍ୱ ମହାନ୍ତି, ମଧୁମିତା ଆଚାର୍ଯ୍ୟ, ସୁବ୍ରତ ମହାପାତ୍ର, ସୁଶାନ୍ତ ତ୍ରିପାଠୀ, ବିଶ୍ୱଭୂଷଣ ମହାପାତ୍ର, ନଳିନିକାନ୍ତ ନାୟକ, ରଣଜିତ ସେନାପତି, ବିଭୁତିଭୂଷଣ ମହାପାତ୍ର, ଡ. ବିପ୍ଳବ ଶିଳାଦିତ୍ୟ, ଅନ୍ନପୂର୍ଣ୍ଣା ସାହୁ, ମନୋଜ ବିଶ୍ୱାଳ, ଶିଶିର ରଥ, ସଚ୍ଚିଦାନନ୍ଦ ରାଉତ, ପ୍ରିୟଜିତ ରାୟ, ରାଜୁ ସ୍ୱାଇଁ, ଶୋଭା ସିଂ, ବିଶ୍ୱନାଥ ଶତପଥି, ରାଜେନ୍ଦ୍ର ପଟ୍ଟନାୟକ, ବରଦା ସାହୁ, ଚନ୍ଦ୍ରଶେଖର ସାହୁ, ଉତମ ବେହେରା, ମାନସ ନାୟକ, ରାଜୀବ ମହାନ୍ତି, ନିରଂଜନ ଦାସ, ବିଶ୍ୱ ସାହୁ, ସୁଶ୍ରୀ କଳ୍ପନା ରାଉତରାୟ, କର୍ପୋରେଟ, ଜେ କାମାଶ ରାଓ, ହିଂମାଂଶୁ ରାଉତ, ଅଶୋକ ସାହୁ, ସେକ ଜାଫର, ବାବୁ ରାଓ, ରାଜଶ୍ରୀ ମିଶ୍ର, ଦଳି ମାଝୀ, ସମରେନ୍ଦ୍ର ହାତି, ଉଗ୍ରସେନ ଭୂୟାଁ, ପ୍ରଭାତ ଭୂୟାଁ, ରାମଚନ୍ଦ୍ର ଗୋଛାୟତ, ଅଭିଷେକ ମହାନ୍ତି, ଦୀପକ ମହାପାତ୍ର, ଏମଡି ଶାହାଦୁଲ୍ଲା, ମନୋଜ ସାହୁ, ଶ୍ରୀୟାସ୍ମିତା ପଣ୍ଡା, ଦୁର୍ଗା ପାଢ଼ୀ, ଆଶିଷ ମଲ୍ଲିକ, ମୋହନ ଜେନା, ଅଶୋକ ଦାସ, ସୌମେନ୍ଦ୍ର ମହାନ୍ତି, ପ୍ରଭାତ ପ୍ରତାପ ସିଂ, ମାନସ ସେଠୀ, ସେକ ତାକୱିନ, ପୁଷ୍ପିତା ଦାସ, ଦିପ୍ତିରାଣୀ ପ୍ରଧାନ, ଜୟଶ୍ରୀ ପାତ୍ର, ପ୍ରଶନ୍ନ ନାୟକ, ପ୍ରଣତି ମିଶ୍ର, ସିଲି ସେଠୀ ପ୍ରମୁଖ ଯୋଗଦେଇଥିଲେ।




# ପଞ୍ଚମ ହଂସ ଧ୍ୱନି କାର୍ଯ୍ୟ କ୍ରମ ଅନୁଷ୍ଠିତ



ବାସୁଦେବପୁର,(ପି.ଏନ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ସ୍ଥାନୀୟ ଗୁଆ ଗଡିଆ ପଞ୍ଚାୟତ ଅଧୀନ କମାର ଗାଁ ଠାରେ ସରସ୍ୱତୀ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷ ରୁ ପଞ୍ଚମ ହଂସ ଧ୍ୱନି କାର୍ଯ୍ୟ ଆରମ୍ଭ ଦୁଇ ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମ ଦିନ ରେ ଅନୁଷ୍ଠିତ ସଭା କାର୍ଯ୍ୟ କ୍ରମ ରେ ମହାବିଦ୍ୟାଳୟ ର ସଭାପତି ଶିକ୍ଷାବିତ୍ ମନ୍ମଥ ଅଗସ୍ତି ଙ୍କ ସଭାପତିତ୍ୱ ରେ ଅତିଥି ଭାବେ ରୁଦ୍ରାକ୍ଷ ଫାଉଣ୍ଡେସନ ର ନିର୍ଦ୍ଦେଶକ ଗୁରୁ ଶ୍ରୀ ବିଚିତ୍ରା ନନ୍ଦ ସ୍ୱାଇଁ, ବାଦ୍ୟ ବାଣୀ ଗୁରୁକୁଳ ର ନିର୍ଦ୍ଦେଶକ ଗୁରୁଶ୍ରୀ ଧନେଶ୍ୱର ସ୍ୱାଇଁ, ଓଡ଼ିଆ ସିନେମା ଓ ଧାରାବାହିକ ର ନିର୍ଦ୍ଦେଶକ ମହେଶ କୁମାର ହାଜରା, ବି ଚ଼ଢେଇ ର ସମ୍ପାଦକ ବିକାସ ଶତପଥୀ ଉପସ୍ଥିତ ଥିଲେ। ମଞ୍ଚ ଆମନ୍ତ୍ରଣ ଓ ସଂଯୋଜନା ଶ୍ରୀ ନିବାସ ଘଟୁଆରି କରିଥିବା ବେଳେ ଧନ୍ୟବାଦ୍ ସମୀର ପାଣିଗ୍ରାହୀ ପ୍ରଦାନ କରିଥିଲେ। ଏହି ଅବସର ରେ ଧ୍ରୁବ ସମ୍ମାନ ୨୦୨୫ ଚ଼ଳଚ୍ଚ଼ିତ୍ର ଅଭିନେତ୍ରୀ ନମ୍ରତା ଦାସ ଙ୍କୁ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଦ୍ୱିତୀୟ ତଥା ଉଦ୍ ଜାପାନୀ ଉତ୍ସବ ରେ ସଭାପତି ଶିକ୍ଷାବିତ୍ ମନ୍ମଥ ଅଗସ୍ତି ଙ୍କ ସଭାପତିତ୍ୱ ରେ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ମିଶ୍ର, କଣ୍ଠ ଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶକ ବିଶ୍ୱ ସ୍ୱରୂପ ମହାପାତ୍ର, ସମାଜସେବୀ ବିଜୟ କୁମାର ବିଶ୍ୱାଳ, ଗୁରୁ ଶ୍ରୀ ବିଚ଼ିତ୍ରା ନନ୍ଦ ସ୍ୱାଇଁ ଯୋଗ ଦେଇଥିଲେ। ମଞ୍ଚ ଆମନ୍ତ୍ରଣ ଓ ସଂଯୋଜନା ଶ୍ରୀ ନିବାସ ଘଟୁଆରି କରିଥିବା ବେଳେ ଧନ୍ୟବାଦ୍ ସମୀର ପାଣିଗ୍ରାହୀ ପ୍ରଦାନ କରିଥିଲେ। ଦୁଇ ଦିନ ଧରି ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମର ରେ ସଙ୍ଗୀତ, ନୃତ୍ୟ, ମର୍ଦ୍ଦଳ ଓ ମୃଦଙ୍ଗ ବାଦନ, ଓଡ଼ିଶୀ ନୃତ୍ୟ, ଛଉ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଭଳି ବିଭିନ୍ନ ପ୍ରକାରର କାର୍ଯ୍ୟ କ୍ରମ ପରିବେଷଣ ହୋଇ ଯାଇଛି। ଦୁଇ ଦିନ ରେ ଏହି କାର୍ଯ୍ୟ କ୍ରମ କୁ ସମୀର ପାଣିଗ୍ରାହୀ, ମନିଶ ଅଗସ୍ତି, ଙ୍କ ସହ ସଂଗୀତ ମହାବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ମାନେ ଉପସ୍ଥିତ ରହି ସଫଳ କରାଇ ଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବ୍ରାହ୍ମଣ ଗାଁ ର ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାସୁଦେବପୁର,(ପି.ଏନ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ସ୍ଥାନୀୟ ବ୍ରାହ୍ମଣ ଗାଁ ପଞ୍ଚାୟତ ରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ଦଶମ ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠିତ ସଭା କାର୍ଯ୍ୟ କ୍ରମ ରେ ବାଇ ଚ଼ଢେଇ ର ସମ୍ପାଦକ ବିକାସ ଶତପଥୀ ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ବିଦ୍ୟା ମନ୍ଦିର ର ପରିଚ଼ାଳନା କମିଟି ସଭାପତି ମାଗୁଣି ଚ଼ରଣ ବେହେରା, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ରବୀନ୍ଦ୍ର ପ୍ରସାଦ ଦାସ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସଦାନନ୍ଦ ପାଣିଗ୍ରାହୀ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସୁଦର୍ଶନପୁର ର ପ୍ରଧାନ ଆଚ଼ାର୍ଯ୍ୟ ଲକ୍ଷ୍ମୀକାନ୍ତ ନାଥ ପ୍ରଧାନ ଆଚ଼ାର୍ଯ୍ୟ ନରେନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି ଅବସର ରେ ସମ୍ପାଦକ ଭଗବାନ ବେହେରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଧନ୍ୟବାଦ୍ ବିଭୂତି ଭୂଷଣ ବାରିକ୍ ପ୍ରଦାନ କରିଥିଲେ। ଏହି ଅବସର ରେ କୃତି ବିଦ୍ୟାର୍ଥୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଶେଷ ରେ ଛାତ୍ର ଛାତ୍ରୀ ମାନେ ନେଇ ସାଂସ୍କୃତିକ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇ ଯାଇଛି।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି। ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପ ାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ସରପ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା। ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା। ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ। ମାତ୍ର ସରପ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ। ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି। ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବା ିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି। ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତ୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି। ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି। ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ ଏହାକୁ ଅଣଦେଖା କରୁଥିବା କହିଛନ୍ତି। ସ୍ଥାନୀୟ ସରପ ମିତା ମୁଣ୍ଡା, ପୂର୍ବତନ ସରପ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜଳହରି ସରପ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି।

# କ୍ରସରରେ ଚାପିହୋଇ ଜଣେ ଶ୍ରମିକ ମୃତ, ଅନ୍ୟ ଜଣେ ଗୁରୁତର

ଧର୍ମଶାଳା,(ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅ'ର୍ଗତ ରହାଡପୁରସ୍ଥିତ ଏକ କ୍ରଶର୍ ରେ କାମ କରୁଥିବା ବେଳେ ଅଘଟଣ ଘଟି ଜଣେ ଶ୍ରମିକ ଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମୃତ ଶ୍ରମିକ ଜଣକ ପଶ୍ଚିମବଙ୍ଗ ବାଙ୍କୁଡା ଜିଲ୍ଲା ଖଜୁରିଆ ଗ୍ରମର ଶ୍ୟମଚରଣ ହଂସଦା (୪୫) ଓ ଆହତ ଜଣକ ସେହି ଗ୍ରାମର ଅନିଲ ସୋରେନ (୩୨) ବୋଲି ଜଣାପଡିଛି ସୂଚନା ମୁତାବକ ରହାଡପୁର ରେ ଥିବା ଶିବଶକ୍ତି ମେଗା କ୍ରାସର ରେ ଆଜି ସକାଳୁ ଶ୍ରମିକମାନେ କାମ କରୁଥିବା ବେଳେ ଅସାବଧାନତା ବସତ କ୍ରଶର ଚକରେ ଚାପି ହୋଇ ଜଣକର ମୃତ୍ୟୁ ଘଟିଥିବା ବେଳେ ଆନ୍ୟ ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାରେ ଆହତ ଶ୍ରମିକଙ୍କୁ ସ୍ଥାନୀୟ ଶ୍ରମିକମାନେ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ଭର୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥାଳରେ ମୃତ୍ୟୁ ଘଟିଥିବା ଶ୍ରମିକର ମୃତଦେହକୁ କ୍ରଶର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଏକ ମହେନ୍ଦ୍ର ପିକଅପଭ୍ୟାନରେ ଭଡିକରି ମୃତକର ଶବ କୁ ଅନ୍ୟତ୍ର ନେଇଯାଉଥିବା ବେଳେ ଶବକୁ ଗାଏବ୍ କରିବା ଅଭିଯୋଗ କରି ସ୍ଥାନୀୟ ଲୋକେ ସମ୍ପାରୁ ଛକରେ ମୃତ ଦେହକୁ ଅଟକ ରଖି ରାସ୍ତା ରୋକ କରିଥିଲେ। ଫଳରେ ସେଠାରେ କିଛି ସମୟ ପାଇଁ ଚାପା ଉତେଜନା ପ୍ରକାଶ ପାଇଥିଲା। ଖବର ପାଇ ଘଟଣା ସ୍ଥଳରେ ଯାଜପୁର ରୋଡ ଏସଡିଓ ସୟ କୁମାର ପଟ୍ଟନାୟକ, ବଡ଼ଚଣା ଥାନା ଅଧିକାରୀ ଶରତ କୁମାର ପାତ୍ର, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ଥାନା କର୍ମଚାରୀମାନେ ସେଠାରେ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକର ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ବେଆଇନ କ୍ରଶର ଗୁଡିକୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହ ଗ୍ରାମବାସିମାନେ ଲିଖିତ ଆକାରରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ତେବେ ମୃତକର ପରିବରକୁ କ୍ଷତିପୂରଣ ପ୍ରଦାନ ସହିତ ବେଅଇନ କ୍ରଶର ଗୁଡିକ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ଅବଗତ କରାଯିବା ନେଇ ପୁଲିସ ପକ୍ଷରୁ ପ୍ରତିସ୍ରୁତି ମିଳିବା ପରେ ଲୋକେ ଶବକୁ ଛାଡିବା ସହିତ ରାସ୍ତାରୋକରୁ ହଟିଥିଲେ। ଏନେଇ ଜେନାପୁର ପୁଲିସ ଏକ କେଶ ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଛେଦଲାଗି ପଠାଇବା ସହ ତଦନ୍ତ ଚଳାଇଛି।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି। ନୂତନ ଲିଜ୍ ପାଇଥିବା କାସ୍‌ଭି ଇ ରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା। ମାତ୍ର କମ୍ପାନୀ ଏହାକୁ ମଧ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକ ର୍ ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି। ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ।

## ୮ ସିଫ୍ଟ ଶାଗୁଆନ କାଠ ଜବତ, ଜଣେ ଗିରଫ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲାର କିରିବୁର ସେଲ କଲୋନୀରେ ଶୁକ୍ରବାର ସକାଳ ସମୟରେ ବନବିଭାଗର ଏନଫୋର୍ସମେ ସ୍କ୍ୱାର୍ଡ ଅତର୍କିତ ଚଢାଉ କରି ୪୮ ପିସ୍ ଶାଗୁଆନ କାଠ ଜବତ କରିଛି। ଏସିଏଫ୍ ଅଜୟ କୁମାର ସାହୁଙ୍କ ତ ୍ୱାବଧାନରେ ଚମ୍ପୁଆ ରେଞ୍ଜର ଘାସିରାମ ପାତ୍ର,ବଡବିଲ ରେଞ୍ଜର ମାନସ କୁମାର ମୁର୍ମୁ,ମୋବାଇଲ ଫରେଷ୍ଟର ଶଶୀଭୂଷଣ ବାରିକ,ବସନ୍ତ ମୁର୍ମୁଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ କିରିବୁର ସେଲ କଲୋନୀର ଗୌତମ ବାରିକଙ୍କ ଘରେ ଚଢାଉ କରିଥିଲେ। ଚଢାଉବେଳେ ୪୮ ପିସ୍ ଶାଗୁଆନ କାଠ ଜବତ କରାଯାଇଥିଲା, ଯାହାକି ୮ ସିଫ୍ଟ ହେବ ଏବଂ ଏହାର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ଜଣାପଡିଛି।



# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତ୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି। ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତ୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଳାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍‌ବତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତ୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।"

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରିକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ରଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲାପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିମ୍ପସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସମ୍ପର୍କ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ସ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ। ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତ୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢାଇବାକୁ ଆଶା ରଖୁଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ ପ୍ରଦାନ କରାଯାଉଛି।




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତ୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# କୃଷି ଓ ପାରମ୍ପରିକ ଶିଳ୍ପକୁ ଗୁରୁତ୍ୱ ଦେଲେ ପରିବେଶ ବଞ୍ଚିବ - ନାଗରିକ ମଞ୍ଚ

ରାୟଗଡ଼ା,(ପି.ଏନ):ରାୟଗଡ଼ ଜିଲ୍ଲା ସଦରମହକୁମା ସ୍ଥିତ ଜଳଛାୟା ପ୍ରକଳ୍ପ ସମ୍ମିଳନୀ କକ୍ଷରେ ପରିବେଶ ଓ ଶିଳ୍ପାନୁଷ୍ଠାନ ସନ୍ତୁଳନ ରକ୍ଷା ନେଇ ଏକ ସେମିନାର ଅନୁଷ୍ଠିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ନାଗରିକ ମଞ୍ଚର ସଭାପତି ଡ ବାଦଲ କୁମାର ତା'ଙ୍କ ନେତୃତ୍ୱରେ ପରିଚାଳନା କରାଯାଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଅନାଦି ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ଦୀପକ ରାଉତ ଯୋଗ ଦେଇଥିଲେ । ଏହି ସେମିନାରରେ ରାୟଗଡ଼ାର ବିଭିନ୍ନ ସଙ୍ଗଠନର ମୁଖ୍ୟ ତଥା ପ୍ରତିନିଧି ମାନେ ଯୋଗ ଦେଇଥିବା ବେଳେ ସମସ୍ତ ବ୍ଲକର ପ୍ରତିନିଧି ମାନେ ଯୋଗ ଦେଇଥିଲେ। ଉପରୋକ୍ତ ବିଷୟ ଆଗାମୀ ପିଢ଼ି ତଥା ମାନବ ସମାଜ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ବସ୍ତୁ ଭାବେ ମାନବ ସମାଜ ସମ୍ମୁଖରେ ଉଭା ହୋଇଛି । ସେମିନାରରେ ଯୋଗ ଦେଇଥିବା ପ୍ରତିନିଧି ମାନେ ବିଭିନ୍ନ ଦିଗକୁ ନେଇ ନିଜ ନିଜର ମନ୍ତବ୍ୟ ରଖିଥିଲେ। ଡ ତା ନିଜର ବକ୍ତବ୍ୟରେ ବେଦାନ୍ତ ଆଲୁମିନାର କିଛି ଦିନ ତଳେ ଭାଙ୍ଗି ଯାଇଥିବା ୩୦ କୋଟି ଲିଟରର ରେଡ ମଡ ପଣ୍ଡ ବିଷୟରେ ଆଲୋଚନା କରି ଯେଉଁଭଳି ଭାବରେ ବିସ୍ତୁତ ଆଲୋଚନା କରିଥିଲେ ତାହା ଉକ୍ତ ଶିଳ୍ପ ପ୍ରତିଷ୍ଠାନର ପାର୍ଶ୍ୱବର୍ତ୍ତୀ ଓ ପ୍ରଭାବିତ ଅଞ୍ଚଳ ସହ ବଂଶଧାରା ଅବବାହିକାରେ ବସବାସ କରୁଥିବା ଜନବସତି ପାଇଁ କେତେ କ୍ଷତିକାରକ । ଏହା ସହ ଉକ୍ତ ଅଂଚଳରେ ମାଡି ଯାଇଥିବା ଚାଷ ଜମି ନଷ୍ଟ ହେବା ସହ ଉକ୍ତ ନିଷ୍କାସିତ ଜଳ ନଦୀରେ ମିଶିବା ପରେ ନଦୀର ମାଛ ମରିଯାଇଥିବା ଭଳି ଦୃଶ୍ୟ ପରିବେଶର ସୁରକ୍ଷା ପ୍ରତି ଚିନ୍ତାର କାରଣ ପାଲଟିଛି । ସେହିଭଳି ମିଟସ୍ ଗ୍ରୁପ ତରଫରୁ ଯୋଗ ଦେଇଥିବା କୃଷି ବିଜ୍ଞାନ ଅଧ୍ୟାପକ ଡ ବିକାଶ ଦାଶ କହିଥିଲେ ଯେ ନାଗାବଳୀ ନଦୀର ଜଳ ମୁଖ୍ୟତଃ ଶିଳ୍ପାନୁଷ୍ଠାନ ପାଇଁ ପ୍ରଦୂଷିତ ହେଉଛି , ଯାହାକୁ ରୋକିବା ନିହାତି ଆବଶ୍ୟକ ନୋଚେତ ଏହା ଭବିଷ୍ୟତରେ ଜନବସତି ପାଇଁ ଚିନ୍ତାର ବିଷୟ ପାଲଟିବ । ସେହିଭଳି ଉତ୍କଳ ଆଲୁମିନାରୁ ଯୋଗ ଦେଇଥିବା ପରିବେଶ ବିଭାଗର ସତ୍ୟଜିତ ଆଚାର୍ଯ୍ୟ କହିଥିଲେ ଯେ ଉତ୍କଳ ଆଲୁମିନା ୨୦୪୦ ମସିହା ବେଳକୁ କାର୍ବନ ନ୍ୟୁଟ୍ରାଲ ଓ ୨୦୩୦ ବେଳକୁ ୱାଟର ନ୍ୟୁଟ୍ରାଲ୍ କରିବାକୁ ଲକ୍ଷ୍ୟ ରଖିଛି ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଳୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣ ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।



୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ ପର୍ଯ୍ୟବେକ୍ଷକ
Bhubaneswar Wednesday February 26 ଭୁବନେଶ୍ୱର ବୁଧବାର, ଫେବୃଆରୀ ୨୬,୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ମିର ବକାଉଲ୍ଲାଙ୍କୁ ଶ୍ରେଷ୍ଠ କ୍ରୀଡା ସମ୍ମାନ



କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ସହରର ଫକିରାବାଦସ୍ଥିତ ସ୍ୱର୍ଗତ ମିର ମତିଉଲ୍ଲାଙ୍କ ସୁଯୋଗ୍ୟ ସନ୍ତାନ ପୂର୍ବତନ ଫୁଟବଲ ଖେଳାଳୀ ମିର ବକାଉଲ୍ଲାଙ୍କୁ 'ଶ୍ରେଷ୍ଠ କ୍ରୀଡା ସମ୍ମାନ'ରେ ସମ୍ମାନୀତ କରାଯାଇଛି । କେନ୍ଦ୍ରାପଡା ଟାଉନ ହାଇସ୍କୁଲ ଖେଳ ପଡିଆରେ ଆଜାଦ କ୍ଲବ ପକ୍ଷରୁ ଆୟୋଜିତ ଜାତୀୟ ସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମିର ବକାଉଲ୍ଲାଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ 'ଶ୍ରେଷ୍ଠ କ୍ରୀଡା ସମ୍ମାନ'ରେ ସମ୍ମାନୀତ କରିଥିଲେ ।ମିର ବକାଉଲ୍ଲା ୧୯୭୮ମସିହାରୁ ୨୦୦୦ ମସିହା ପର୍ଯ୍ୟନ୍ତ ଆଜାଦ୍ କ୍ଲବର ଜଣେ ଦକ୍ଷ ଫୁଟବଲ ଖେଳାଳୀ ଭାବେ ରାଜ୍ୟର ପୁରୀ, କଟକ, ଯାଜପୁର, ଢେଙ୍କାନାଳ, ବାଙ୍କି ପ୍ରଭୃତି ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରି କ୍ଲବ ତଥା କେନ୍ଦ୍ରାପଡା ଅଞ୍ଚଳ ପାଇଁ ସୁନାମ ଆଣିଦେଇଥିଲେ । ଏଥିପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ମଧ୍ୟ କରାଯାଇଥିଲା । ସେ ଜଣେ କ୍ରୀଡାପ୍ରେମୀ, ପରୋପକାରୀ ଓ ସମାୟାନୁବର୍ତ୍ତୀ ବ୍ୟକ୍ତି ଭାବରେ ସାଧାରଣରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରପାରିଛନ୍ତି ।

## 'ନିର୍ବାଣ' ସାମ୍ବାଦିକ ବିଜୟ କୁଅଁର ସମ୍ବର୍ଦ୍ଧିତ

ମାହାଙ୍ଗା ,(ପି.ଏନ): 'ଉର୍ବୀ' ପତ୍ରିକାର ରାଜ୍ୟ ସ୍ତରୀୟ ସାରସ୍ୱତ ସମାରୋହ ଅବସରରେ କଟକ ସ୍ଥିତ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ପତ୍ରିକାର ସଂପାଦକ ଶ୍ରୀଧର ଶେଖର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାହିତ୍ୟ ଆଲୋଚନା କବିତା ପାଠ ଉତ୍ସବ ଓ ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ଡ. ବୈଷ୍ଣବ ଚରଣ ସାମଲ, ମୁଖ୍ୟବକ୍ତା ଭାବେ ଡ. ବାବାଜୀ ଚରଣ ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବେ ଡ. ବିଜୟ କୁମାର ଶତପଥି, ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ସମ୍ମାନୀତ ବକ୍ତା ଭାବେ ଡ. ରବିନ୍ଦ୍ର କୁମାର ବିହାରୀ, ଇଂ. ରଶ୍ମିରଂଜନ ରାୟ ପ୍ରମୁଖ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିବା ସହ ସମାଜରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ମାହାଙ୍ଗା ଅଂଚଳର କବି, ତଥା ନିର୍ବାଣ ପ୍ରତିନିଧି ବିଜୟ କୁଅଁରଙ୍କୁ ଅତିଥିମାନେ ଉତ୍ତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ, ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି ।

## ମହାବୀର ହନୁମାନ ଚାଳିଶା ଓ ସୁନ୍ଦରାକାଣ୍ଡ ପାରାୟଣ

ମାହାଙ୍ଗା,(ପି.ଏନ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ନାହାଙ୍ଗ ପଂଚାୟତ ସ୍ଥିତ ବାଲିପଡା ଗ୍ରାମର ଅଶୋକ କୁମାର ସାହୁଙ୍କର ମାନସିକ ପୂରଣାର୍ଥେ ମହାବୀରଙ୍କ ମେଳା ସହିତ ଶ୍ରୀ ଶ୍ରୀ ହୃଦାନନ୍ଦ ମହାପୁରୁଷ ଶ୍ରୀରାମଚରିତ ପାରାୟଣ , ହନୁମାନ ଚାଳିଶା ଓ ପାରାୟଣ ସୁନ୍ଦରାକାଣ୍ଡ ମଣ୍ଡଳୀ ତିଲଙ୍ଗ କୋଠିଛକ କେନ୍ଦ୍ରାପଡାଙ୍କ ଦ୍ୱାରା ହନୁମାନ ଚାଳିଶା ଓ ସୁନ୍ଦରାକାଣ୍ଡ ପାଠ କରାଯାଇଥିଲା । ଆଜିର ସମାଜରେ ରାମାୟଣର ଚରିତ୍ର ଓ ବିଷୟବସ୍ତୁ ଶ୍ରବଣ ପୂର୍ବକ ସଂସାରରେ ତା'ର ସୁବିନିଯୋଗ ଏହା ଦ୍ୱାରା ସମ୍ଭବ ହୋଇ ପାରିଛି । ଏହି ଭକ୍ତି ଭାବମୟ ପରିବେଶ ମଧ୍ୟରେ ରାମଲୀଳା ଓ ହନୁମାନଜୀଉଙ୍କର ଦର୍ଶନ ଲାଭ କରି ବାଲିପଡା ଗ୍ରାମବାସୀ ବିଭୂକୃପା ଲାଭ ପୂର୍ବକ ନିଜକୁ ପ୍ରଭୁଙ୍କ ନିକଟରେ ସମର୍ପଣ କରିଦେଇଥିଲେ । ରାମାୟଣର ବିଷୟବସ୍ତୁ ଅତ୍ୟନ୍ତ ମାର୍ମିକ, ସୁନ୍ଦର ଓ ଯୁଗୋପଯୋଗୀ । କଳିଯୁଗର କଳିକଳୁଷିତ ମଣିଷକୁ ମୋକ୍ଷପ୍ରାପ୍ତି ନିମିତ ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ଆର୍ଶିବାଦ ଅନିବାର୍ଯ୍ୟ । ସେହିନାମକୁ ଧରି କ୍ଷଣଭଙ୍ଗୁର ଜୀବନରେ ସାଂସାରିକ ସୁଖକୁ ତ୍ୟାଗ କରି ପ୍ରଭୁ ଶ୍ରୀରାମଙ୍କ ନିକଟରେ ଆର୍ଶିତ ହୋଇ ଯେପରି ବିଭୁକୃପା ଲାଭ କରିଥିଲେ ସେହିପରି ସାଂସାରିକ ମନୁଷ୍ୟ ଜୀବନ ମୋକ୍ଷ ପାଇବା ପାଇଁ ସଦା ସର୍ବଦା ଚେଷ୍ଟିତ । ଆଜିର ଏହି ଭାବମୟ ପରିବେଶରେ ପୂଜକ କୈଳାସ ଚନ୍ଦ୍ର ଷଢଙ୍ଗୀ, ସଞ୍ଜୟ ଶତପଥିଙ୍କ ଦ୍ୱାରା ସଂପାଦିତ ହେଉଥିବା ପୂଜାରେ ଯୋଗଦେଇଥିବା ସମସ୍ତ ଗ୍ରାମବାସୀ ଓ ଭକ୍ତମାନେ ହନୁମାନଙ୍କ ଆର୍ଶିବାଦ ଲାଭ କରି ସଂସାର ସାଗରରୁ ମୁକ୍ତି ପାଇବା ନିମନ୍ତେ ପ୍ରୟାସ ଜାରୀ ରଖିଛନ୍ତି । ଏହି ପୂଜାର୍ଚ୍ଚନାରେ କର୍ତ୍ତା ଭାବେ ଅଶୋକ କୁମାର ସାହୁ, କର୍ତ୍ତୀ ଭାବେ ସ୍ୱପ୍ନା ମଞ୍ଜରୀ ସାହୁ ଯୋଗଦେଇ କାର୍ଯ୍ୟ ସଂପାଦନ କରିଥିଲେ । ଏଥିରେ ଅବିନାଶ ସାହୁ, ବିଶ୍ୱଜିତ୍ ସାହୁ, ଜଗନ୍ନାଥ ସାହୁ, ସତ୍ୟଜିତ୍ ସାହୁ, ସୁକଦେବ ସାହୁ, କାର୍ତ୍ତିକ ସାହୁ, ନିଗମାନନ୍ଦ ବାରିକ, ସାଇରଂଜନ ସାହୁ, ସୌମ୍ୟରଂଜନ ସାହୁ, ଦିବ୍ୟଜ୍ୟୋତି ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## କେନ୍ଦ୍ରାପଡାରେ ନୂତନ ଏସଡିପିଓଙ୍କ ଯୋଗଦାନ



କେନ୍ଦ୍ରାପଡା,(ପି.ଏନ): କେନ୍ଦ୍ରାପଡାରେ ନୂତନ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ(ଏସଡିପିଓ) ଭାବେ ଜ୍ୟୋତିରଞ୍ଜନ ଗୌଡ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି । ଏହାପୂର୍ବରୁ ଶ୍ରୀ ଗୌଡ କଟକସ୍ଥିତ ରାଜ୍ୟ ପୋଲିସ ମାନବଧିକାର ସୁରକ୍ଷା ସେଲ(ଏଚଆରପିସି)ର ଡିଏସପି ଭାବେ କାର୍ଯ୍ୟରତ ଥିଲେ । ଏଠାରେ ଥିବା ଏସଡିପିଓ ଦେବେନ୍ଦ୍ର ମଲ୍ଲିକଙ୍କର କୋରାପୁଟ ଜିଲ୍ଲାର ନନ୍ଦପୁର ଏସଡିପିଓ ଭାବେ ବଦଳି ହୋଇଥିବାରୁ ତାଙ୍କୁ ଏଠାରୁ ଭାରମୁକ୍ତ କରିଦିଆଯାଇଛି । ନୂତନ ଏସଡିପିଓ ଶ୍ରୀ ଗୌଡା ପୂର୍ବରୁ କେନ୍ଦ୍ରାପଡା ଜିଲ୍ଲାର ପାଟକୁରା ଥାନାରେ ଥାନାଧିକାରୀ ଭାବେ କାର୍ଯ୍ୟ କରିଛନ୍ତି ।

## ରାସାୟନିକ ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ଟେବୁଲ ଟପ୍ ଏକ୍ସରସାଇଜ ଅନୁଷ୍ଠିତ



ଜଗତସିଂହପୁର, (ପି ଏନ) : ଜଗତସିଂହପୁର ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ଆଜି ସକାଳ ୧୦ଘ.୩୦ମି ସମୟରେ ସ୍ଥାନୀୟ ଏନ ଆଇ ସି ସମ୍ମିଳନୀ କକ୍ଷଠାରେ ଏକ ଟେବୁଲ ଟପ୍ ମକ୍ ଏକ୍ସରସାଇଜ ଆୟୋଜିତ ହୋଇଯାଇଛି ଓ ଶିଳ୍ପ ସମ୍ବନ୍ଧୀୟ ରାସାୟନିକ ବିପର୍ଯ୍ୟୟଗୁଡ଼ିକୁ ମୁକାବିଲା କରିବା ପାଇଁ ଆସନ୍ତା ଫେବୃଆରୀ ୨୮ ତାରିଖରେ ଜିଲ୍ଲାର ପିପି ଏଲ ଏବଂ ଇଫକୋ ଠାରେ ମକ୍ ଏକ୍ସରସାଇଜ କରିବା ପାଇଁ ଆଜିର କାର୍ଯ୍ୟକ୍ରମରେ ଆଲୋଚ଼ନା କରାଯାଇ ଏହି ପଦକ୍ଷେପକୁ ସୁଚାରୁ ରୂପେ ସଂପାଦନ କରିବା ପାଇଁ ନିଷ୍ପତ୍ତି ନିଆଗଲା ଓ ଆଜିର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ଶ୍ରୀ ନିରଞ୍ଜନ ବେହେରା ଜଗତସିଂହପୁର ଜିଲ୍ଲା ର ପ୍ରସ୍ତୁତି ସମ୍ବନ୍ଧରେ ପି ପି ଟି ମାଧ୍ୟମରେ ଉପସ୍ଥାପନ କରିବା ସହ ୨୮ ତାରିଖ ମକଡ୍ରିଲ ପାଇଁ ଜିଲ୍ଲା ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଓସ୍ଡମା କୁ ସୂଚ଼ନା ଦେଇଥିଲେ ।କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୁଶ୍ରୀ ଅନିଶା ଦାସ, ଙ୍କ ସମେତ ଜିଲ୍ଲାର ବିଭିନ୍ନ ବରିଷ୍ଠ ଅଧିକାରୀ ତଥା ପି ପି ଏଲ ଓ ଇଫକୋ ର ଅଧିକାରୀ ଯୋଗଦେଇ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହାୟତା କରିଥିଲେ ।

## ପାରାଦୀପରେ ଶାନ୍ତି ଭଙ୍ଗକାରୀ ମାଫିଆଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀ : ପୋଲିସ ପାଇଁ ଚ୍ୟାଲେଞ୍ଜ

ପାରାଦୀପ,(ପି.ଏନ): ନିଜ ସ୍ୱାର୍ଥ ପାଇଁ କିଛି ସିଣ୍ଡିକେଟ ମାଫିଆ ଗୋଷ୍ଠୀ ଏବେ ପାରାଦୀପ ସହରରେ ଅଶାନ୍ତ ବାତାବରଣ ସୃଷ୍ଟି କରୁଥିବା ନେଇ ଅଭିଯୋଗ ଉଠିଛି । ଅତୀତରେ ବନ୍ଦର ଓ ଶିଳ୍ପ ସହର ପାରାଦୀପ ରେ ବ୍ୟବସାୟିକ ଓ ରାଜନୈତିକ ବିବାଦ କୁ ନେଇ ବିଜେଡି ଯୁବ ନେତା ମୁନା ପତି ଓ ସିଓ୍ୱେଜ କମ୍ପାନୀ ଅଧିକାରୀ ମହେନ୍ଦ୍ର ସ୍ୱାଇଁ ଙ୍କୁ ନୃଶଂସ ଭାବେ ହତ୍ୟା କରାଯାଇଥିଲା । ଏହି ଘଟଣାରେ ସେତେବେଳେ ଜନୈକ ଶିଳ୍ପପତି ଙ୍କ ସମେତ ଅରିନ୍ଦମ ସର୍କଲ ଓ ଅନ୍ୟମାନଙ୍କୁ ପୋଲିସ ଗିରଫ କରି ଜେଲ କୁ ପଠାଇଥିଲା କ୍ଷ ତେବେ ବର୍ତ୍ତମାନ ସରକାର ପରିବର୍ତ୍ତନ ପରେ ପାରାଦୀପ ବିଜେପି ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ସ୍ୱାଇଁ ପାରାଦୀପ ର ବିକାଶ ଦିଗରେ ଚ଼ିନ୍ତା ଓ କାର୍ଯ୍ୟ କରୁଥିବା ସହ ପାରାଦୀପ ରେ ଭାଇଗିରି ର ମୁଳୋତ୍ପାଟନ କରି ସାଧାରଣରେ କର୍ମ ସଂସ୍ଥାନ ଓ ବିଭିନ୍ନ ଶିଳ୍ପରେ ବେରୋଜଗାରୀ ଙ୍କ ନିଯୁକ୍ତି ବିଷୟରେ ଚ଼ିନ୍ତା କରୁଥିବା ବେଳେ ଏବେ ପୁନର୍ବାର ସକ୍ରିୟ ହୋଇ ଉଠିଛନ୍ତି ମାଫିଆ ସିଣ୍ଡିକେଟ ଗୋଷ୍ଠୀ କ୍ଷ ସୂଚ଼ନା ଥାଉକି ପୂର୍ବରୁ ଏହି ସିଣ୍ଡିକେଟ ଗୋଷ୍ଠୀ ପାରାଦୀପ ରେ ବ୍ୟବସାୟିକ ଓ ରାଜନୈତିକ କ୍ଷେତ୍ରରେ ଆଧିପତ୍ୟ ଜାହିର ରଖିବା ପାଇଁ ସ୍ଥାନୀୟ ଅନେକ ନେତୃସ୍ଥାନୀୟ ଯୁବକ ଙ୍କୁ ଆକ୍ରମଣ, ମିଥ୍ୟା କେଶ ରେ ଫସାଇ ଜେଲ ପଠାଇବା ଇତ୍ୟାଦି ଘଟଣା ସମସ୍ତ ଙ୍କୁ ଭୟଭୀତ କରି ରଖିଥିଲା କ୍ଷ ଏହି ପରି ଏକ ଘଟଣାକ୍ରମରେ ବ୍ରିଜ ଆଣ୍ଡ ରୁଫ କମ୍ପାନୀ ମ୍ୟାନେଜର ଙ୍କ ଘରେ ସିଣ୍ଡିକେଟ ର ଅପରାଧୀ ଗୁଳିକାଣ୍ଡ କରି ପାରାଦୀପ ର ଜଣାଶୁଣା ଯୁବ ବ୍ୟବସାୟୀ ତଥା ସମାଜସେବୀ ରାକେଶ ପଟ୍ଟନାୟକ ଙ୍କୁ ଫସାଇ ତାଙ୍କ ନାମରେ ମିଥ୍ୟା ମାମଲା କରି ତାଙ୍କୁ ତିନିମାସ ଜେଲ ପଠାଇଥିଲେ ଯାହାକି ତଦନ୍ତ ସାପେକ୍ଷ କ୍ଷ କିନ୍ତୁ ଏବେ ପରିବର୍ତ୍ତନ ର ହାଓ୍ୱା ବୋହିବା ପରେ ଏଥିରେ ବ୍ୟତିବ୍ୟସ୍ତ ହୋଇ ଏହି ସିଣ୍ଡିକେଟ ର ଜନୈକ ଛଦ୍ମବେଶି ରାଜନେତା ତଥା ଶ୍ରମିକ ନେତା ନିଜ ସ୍ଥିତି ରକ୍ଷା ପାଇଁ ଜନପ୍ରିୟ ମନ୍ତ୍ରୀ ଙ୍କୁ ମିଥ୍ୟା ଆରୋପ ଲଗାଇ ବଦନାମ କରିବାର ଅପଚେଷ୍ଟା କରୁଥିବା ବେଳେ ପୂର୍ବର ସେହି ଚ଼ିରାଚ଼ରିତ ଢଙ୍ଗରେ ସ୍ଥାନୀୟ ନେତୃତ୍ୱ ଙ୍କ ନାମରେ ଅପରାଧୀ ବ୍ୟକ୍ତି ମାନଙ୍କ ଦ୍ୱାରା ଥାନାରେ ଅଭିଯୋଗ କରାଉଥିବା ଦେଖିବାକୁ ମିଳିଛି କ୍ଷ ସୂଚ଼ନାଥାଉକି ଦୀର୍ଘ ଦିନ ପରେ ସ୍ଥାନୀୟ ଶ୍ରମିକ ନେତା ଅଞ୍ଚଳର ଯୁବକ ଯୁବତୀ ମାନଙ୍କ ପାଇଁ ବିଭିନ୍ନ ଶିଳ୍ପ ସଂସ୍ଥାରେ ନିଯୁକ୍ତି ଓ କର୍ମ ସଂସ୍ଥାନ ଯୋଗାଇବା ପାଇଁ ସଂଗ୍ରାମ ଜାରି ରଖିଥିବା ବେଳେ ଏଥିରେ ଭୟଭୀତ ହୋଇ ଏହି ମାଫିଆ ସିଣ୍ଡିକେଟ ଦଳ ତାଙ୍କୁ ବଦନାମ କରିବା ସହ ମୁନା ପତି ଙ୍କ ପରି ରାସ୍ତାରୁ ହଟାଇବା ପାଇଁ ଷଡଯନ୍ତ୍ର ଚ଼ାଲିଥିବା ନେଇ ଅଭିଯୋଗ ହୋଇଛି । ଏହି ସବୁ ଘଟଣା ପାରାଦୀପ ପୋଲିସ ପ୍ରଶାସନ ପାଇଁ ଚ଼୍ୟାଲେଞ୍ଜ ସୃଷ୍ଟି କରିଥିବା ବେଳେ ପାରାଦୀପରେ ଏହି ଅଶାନ୍ତ ସୃଷ୍ଟିକାରି ଙ୍କୁ ଶାନ୍ତି ଭଙ୍ଗ ଅଭିଯୋଗରେ ଗିରଫ କିମ୍ବା ତଡିପାର କରିବାକୁ ସାଧାରଣରେ ଦାବୀ ହେଉଛି । ଏତଦବ୍ୟତୀତ ମୁନା ପତି ଏବଂ ମହେନ୍ଦ୍ର ସ୍ୱାଇଁ ହତ୍ୟା ଘଟଣା ର ସିବିଆଇ ତଦନ୍ତ ପାଇଁ କିଛି ସଂଗଠନ ସରକାର ଙ୍କୁ ଆବେଦନ କରିବାକୁ ପ୍ରସ୍ତୁତି ଚ଼ଳାଇଥିବା ଜଣାପଡିଛି କ୍ଷ ତେବେ ଏଦିଗରେ ବେଳହୁଁ ସାବଧାନ ହେବାକୁ ସାଧାରଣରେ ପୋଲିସ ର ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ଏଥର ମାଫିଆ ସିଣ୍ଡିକେଟ ର ଟାର୍ଗେଟ ରେ କିଏ ବୋଲି ଲୋକଙ୍କ ଭିତରେ ଚ଼ାପା ଗୁଞ୍ଜରଣ ସୃଷ୍ଟି ହୋଇଛି ।

## ଜିଲ୍ଲା ଭେକ୍ସିନ ବିତରଣ ଗାଡ଼ି ଅଚ଼ଳ ଜିଲ୍ଲା ମୁଖ୍ୟ ଚ଼ିକିତ୍ସା ଅଧିକାରୀ ଦୃଷ୍ଟି ଦେବାକୁ ଦାବି

ଧାମନଗର,(ପି.ଏନ); ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଦୀର୍ଘ ଦିନ ହେବ ଜିଲ୍ଲା ଜାତୀୟ ଟୀକା ଓ ମେଡିସିନ ବିତରଣ ଗାଡ଼ି ପଡିରହିଛି । ଉକ୍ତ ଗାଡ଼ି ଯେଉଁ ସ୍ଥାନରେ ପଡି ରହିଛି ସେଠାରେ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଉଛି । ଏ ସମ୍ପର୍କରେ ଧାମନଗର ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଲେ ଯେ ଉକ୍ତ ଗାଡ଼ି ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟ ଭଦ୍ରକରୁ ଭେକ୍ସିନ ଓ ମେଡିସିନ ନେଇ ଆସିଥିଲା ।ଗାଡିଟି ଖରାପ ହେବା ଫଳରେ ଏଠାରେ ପଡି ରହିଛ ।ତାହା କିପରି ମରାମତି ହେବ ସେଇଟା ମୋର ଦାୟିତ୍ୱ ନୁହଁ,ଜିଲ୍ଲା ଅଧିକାରୀଙ୍କର ଦାୟିତ୍ୱ ବୋଲି ଡାକ୍ତର ମନ୍ମୟ ସାମନ୍ତ ସିଂହାର କହିଛନ୍ତି । ଖବର ନେବାରୁ ଯାହା ଜଣାଯାଏ ଏହି ଗାଡିଟି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରୁ ପ୍ରତ୍ୟେକ ଦିନ ଭେକ୍ସିନ ଓ ମେଡିସିନ ନେଇ ଉକ୍ତ ଗାଡ଼ିରେଧାମନଗର, ଭଣ୍ଡାରିପୋଖରୀ, ଚ଼ାନ୍ଦବାଲି ,ତିହିଡି ,ବାସୁଦେବପୁର, ବନ୍ତ ,ଆଗପଡା ଆଦି ପ୍ରାଥମିକ ଚ଼ିକିତ୍ସାଳୟକୁ ନେଇ ଯାଇଥାଏ ।

## ଅବ୍ୟବସ୍ଥା ମଧ୍ୟରେ ଘନଗଳିଆ ସରକାରୀ ବିଦ୍ୟାଳୟ- ଧାରଣା ଦେଲେ ଛାତ୍ରଛାତ୍ରୀ ଓ ଅଭିଭାବକ



ପାରାଦୀପ,(ପି.ଏନ): ପାରାଦୀପ ଉପକଣ୍ଠ ଭିତରଗଡ କଲୋନୀରେ ଥିବା ଘନଗଳିଆ ସରକାରୀ ଉପ୍ରା ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଚାଉଳ ହଡପ, ପ୍ରଧାନ ଶିକ୍ଷୟତ୍ରୀ ଠିକ୍ ସମୟରେ ସ୍କୁଲ ଆସୁ ନଥିବା ଅଭିଯୋଗ ନେଇ ସୋମବାର ଦିନ ସ୍କୁଲ ଆଗରେ ଧାରଣା ଦେଇଛନ୍ତି ଛାତ୍ରଛାତ୍ରୀ ସେମାନଙ୍କ ସହ ସାମିଲ ହୋଇଛନ୍ତି ଅଭିଭାବକ । ସ୍କୁଲର ଛାତ୍ରୀ ରୂପାଲି ଦାସ, ଅଭିଭାବିକା ସୁଜାତା ପ୍ରଧାନ, ପଲାସ ମଣ୍ଡଳ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ସ୍କୁଲର ପ୍ରଧାନଶିକ୍ଷୟତ୍ରୀ ସ୍କୁଲ ଗେଟ୍‌ରେ ନିଷିଦ୍ଧାଂଚଳ ବ୍ୟାନର ଲଗାଇ ଭିତରେ ପାଠ ପଢା ବଦଳରେ ମୋବାଇଲ୍ ଦେଖୁଥିବା ଅଭିଯୋଗ କରିଛନ୍ତି । ଏପରିକି ଶିକ୍ଷୟତ୍ରୀ ସ୍କୁଲକୁ ଦିନ ୧୦ଟା ପୂର୍ବରୁ ଆସିବା ପରିବର୍ତ୍ତେ ଦିନ ୧୧ଟାରେ ଆସୁଛନ୍ତି । ପିଲାମାନଙ୍କୁ ପାଠ ପଢାଇବା ବଦଳରେ ଚେୟାରରେ ବସି ମୋବାଇଲ୍ ଦେଖୁଛନ୍ତି ଯାହା ଫଳରେ ପିଲାମାନେ କ୍ଲାସ ରୁମ୍ ବଦଳରେ ବାହାରେ ଖେଳୁଛନ୍ତି । ମଧ୍ୟାହ୍ନ ଭୋଜନରେ ଦ୍ୱିତୀୟ ଥର ଭାତ ଦେଉନଥିବା ବେଳେ ସ୍କୁଲ ପରିସରରେ ପାଣି ପିଇବାକୁ କିମ୍ବା ବାସନ ଧୋଇବାକୁ ପାଣି ନଥିବା ଅଭିଯୋଗ କରିଛନ୍ତି । ସ୍କୁଲକୁ ୧୮ କ୍ୱିଣ୍ଟାଲ ଚାଉଳ ଆସିଥିବା ରେକର୍ଡ ହୋଇଥିବା ବେଳେ ସ୍କୁଲ ୧୩ କ୍ୱିଣ୍ଟାଲ ଚାଉଳ ରିସିଭ କରାଯାଇଥିବା ବେଳେ ୫କ୍ୱିଣ୍ଟାଲ ଚାଉଳ ହଡପ ନେଇ ଅଭିଭାବକମାନେ ଅଭିଯୋଗ କରିଛନ୍ତି । ଚାଉଳ ହଡପ୍ ସମ୍ପର୍କରେ ଅଭିଭାବକମାନେ ପ୍ରଧାନ ଶିକ୍ଷୟତ୍ରୀମାନଙ୍କୁ ପଚାରିବାରୁ ୫କ୍ୱିଣ୍ଟାଲ ଚାଉଳ ପୋକ ଲାଗି ଯାଇଥିବାରୁ ଫେରସ୍ତ କରାଯାଇଥିବା କହିବା ପରେ ଅଭିଭାବକମାନେ ସନ୍ଦେହ କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray